## ସଂକ୍ଷେପରେ

### ଭତ୍ତା ଆଣିବାକୁ ଯାଇ ବୃଦ୍ଧଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୧୭।୩(ଗିରିଧାରୀ ପରିଛା)

ଭତ୍ତା ଟଙ୍କା ଆଣିବାକୁ ଯାଇଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା ରାୟଗଡ଼ ବ୍ଲକ ଅଧୀନ ନାରାୟଣପୁର ଛକଠାରେ। ମୃତ ବ୍ୟକ୍ତି ହେଲେ ଖିଲିଗଣ୍ଡା ଗ୍ରାମର ପ୍ରୀତମ ରଇତ (୭୦) ବର୍ଷ। ସୂଚନା ଯୋଗ୍ୟ ଯେ, ମାସିକିଆ ଭତ୍ତା ଆଣିବା ପାଇଁ ଏସ. କରଡ଼ାସିଂ ପଞ୍ଚାୟତକୁ ପ୍ରୀତମ ଗଣ୍ଡାହାତୀଠାରୁ ଲକ୍ଷ୍ମୀ ବସ୍‌ରେ ଉଠିଥିଲେ। ବସ୍‌ର ଗେଟ ପାଖରେ ଠିଆ ହୋଇଥିଲେ। ଗେଟ ପାଖରେ ଠିଆ ହୋଇଥିଲେ। ନାରାୟଣପୁର ଛକଠାରେ ଗାଡ଼ି ରଖିବା ପୂର୍ବରୁ ପ୍ରୀତମଙ୍କ ଗୋଡ଼ ଖସିଗଲା। ଫଳରେ ଚଳନ୍ତା ଗାଡିରୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ⌊ ମେଡିକାଲରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲ। ଅନ୍ୟପକ୍ଷରେ ଉକ୍ତ ବସ୍‌କୁ ଗାଁ ଲୋକେ ଅଟକ ରଖିଥିଲେ। ପରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ଏସଆଇ ନିରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ମାଳୀ ଜଗନ୍ନାଥପୁର ହଙ୍ଗାମା କ୍ରିକେଟ ଟୁର୍ନାମେଣ୍ଟ, ହୁମା ଚାମ୍ପିୟନ

ଗଞ୍ଜାମ, ୧୭।୩(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତ ବାଲିଲୋକନାଥ ମନ୍ଦିର ଖେଳ ପଡିଆରେ ଶନିବାର ହଙ୍ଗାମା କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ଗଞ୍ଜାମ ଜିଲା ବିଜେଡି ଉପସଭାପତି ଲିଙ୍ଗରାଜ ମହାପାତ୍ର ଏବଂ ପ୍ରେସ କ୍ଲବ ସଭାପତି ଶବର କୁମାର ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଲି ଲୋକନାଥ ମନ୍ଦିର ପରିଚାଳନା କମିଟି ସଭାପତି ବି ବନମାଳୀ, କାଇଁଚପୁର ସମିତି ସଭ୍ୟ ଏନ ଜୟକୃଷ୍ଣ, ପ୍ରେସକ୍ଲବ ଉପଦେଷ୍ଟା ଉମାକାନ୍ତ ବେହେରା, ପାଣି ପଞ୍ଚାୟତ ପ୍ରେସିଡେଣ୍ଟ ଭୋବନି ରେଡ଼ି, କେ ମୁକୁନ୍ଦ ରେଡ଼ି ପ୍ରମୁଖ ମଞ୍ଚାସୀନ ଥିଲେ। ଚାରି ଓଭର ବିଶିଷ୍ଟ ଏହି ଫାଇନାଲ ମ୍ୟାଚରେ ହୁମା ଦଳ ପ୍ରଥମେ ବ୍ୟାଟିଂ ୪୦ ରନ କରିଥିଲା। ଜବାବରେ ରେଞ୍ଜୀ ଇଲେଭେନ ମାତ୍ର ୨୦ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ହୁମା ଦଳ ଚାମ୍ପିୟନ ହୋଇଥିଲା। ଜୟ ନାରାୟଣ 'ମ୍ୟାନ ଅଫ ଦି ମ୍ୟାଚ' ଏବଂ ରାଜୁ ବେଷ୍ଟ ବୋଲର ବିବେଚିତ ହୋଇଛନ୍ତି। ଏହି ଟୁର୍ନାମେଣ୍ଟକୁ କେ ଏଲେୟା, କେ ସୁକାନ୍ତ ରେଡ଼ି, ଏସ ନୀଳକଣ୍ଠ, ଏସ ରାଜୁ, ଏ ମୁରଲୀ, ଏ ଗୋପବନ୍ଧୁ ପ୍ରମୁଖ ପରିଚାଳନା କରିଥିଲେ। କେ ସୁକାନ୍ତ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।

# ଅବାଧ, ନିରପେକ୍ଷ ନିର୍ବାଚନ ମୁଖ୍ୟ ଲକ୍ଷ୍ୟ

ଫୁଲବାଣୀ, ୧୭।୩(ରାକେଶ କୁମାର ରାଉତ)



ଜିଲାପାଳଙ୍କ ସହ ଅଧିକାରୀ ଏବଂ ଅନ୍ୟମାନେ।

ନିର୍ବାଚନ ତାରିଖ ଘୋଷଣା ପରେ ଶନିବାରଠାରୁ ଆଦର୍ଶ ଆଚରଣ ବିଧି ଲାଗୁକରାଯାଇଛି । କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ରବିବାର ଜିଲାର ସମସ୍ତ ଅଧିକାରୀମାନଙ୍କୁ ନେଇ ଭର୍ଚ୍ଚୁଆଲ୍ ମୋଡ୍‌ରେ ଏକ ବୈଠକର ଆୟୋଜନ କରି ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଲାଗୁ କରାଯାଇଥିବା ଆଦର୍ଶ ଆଚରଣ ବିଧି ଉପରେ ଆଲୋଚନା କରିଥିଲେ। ଏହାର ମୂଳ ଲକ୍ଷ୍ୟ ହେଲା ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା। ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ଠାରୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ। ଏଥିରେ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କ ସମେତ ସମସ୍ତ ସରକାରୀ କର୍ମଚାରୀଙ୍କୁ ମଧ ଅନ୍ତର୍ଭୁକ୍ତ କରାଯାଇଛି। ନିର୍ବାଚନ ପ୍ରଚାର ପାଇଁ କ'ଣ କରାଯିବ ଓ ନାହିଁ ସେ ନେଇ ପରାମର୍ଶ ଦେଇଥିଲେ। ପ୍ରଚାର ପାଇଁ ସରକାରୀ ଗାଡ଼ିର ବ୍ୟବହାର ଉପରେ ଥିବା କଟକଣା, ସଂପୃକ୍ତ ସରକାରୀ ଅଧିକାରୀଙ୍କ ଉପଯୁକ୍ତ ଅନୁମତି ବିନା ସଭା, ରାଲି ଆଦି ଆୟୋଜନ ଉପରେ କଟକଣା, ରାଜନୈତିକ ବିଜ୍ଞାପନର ପ୍ରାକ୍ ସାର୍ଟିଫିକେସନ, ପେଡ୍ ନ୍ୟୁଜ ଉପରେ ତଦାରଖ ଓ କାର୍ଯ୍ୟାନୁଷ୍ଠାନ, ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କ୍ଷେତ୍ରରେ ଟୋଲ୍ ଫ୍ରି ନମ୍ବର ୧୯୫୦ରେ ଅଭିଯୋଗ ଏବଂ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ ହେବା ଉପରେ ଜିଲା ନିର୍ବାଚନ ଅଧିକାରୀ ଆଲୋଚନା କରିଥିଲେ। ଜିଲା ନିର୍ବାଚନ ଅଧିକାରୀଙ୍କ ବିନା ଅନୁମତିରେ କୌଣସି ବୈଠକ କରାଯିବ ନାହିଁ। ସି.ଭିଜିଲ୍ ଆପ୍‌ରେ କୌଣସି ଅଭିଯୋଗ ଆସିଲେ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଟିମ୍ ସେଠାକୁ ତୁରନ୍ତ ପଠାଯିବ ଏବଂ ଟିମ୍ ରିଟର୍ଣ୍ଣିଂ ଅଫିସରଙ୍କୁ ରିପୋର୍ଟ ପ୍ରଦାନ କରିବ। ଚାଲୁ ରହିଥିବା ସରକାରୀ ଯୋଜନାର ପ୍ରଚାର ପ୍ରସାର କରାଯିବ ନାହିଁ। ସରକାରୀ କାର୍ଯ୍ୟାଳୟ କିମ୍ବା ସର୍ବସାଧାରଣ ସ୍ଥାନରେ ଲଗାଯାଇଥିବା ପୋଷ୍ଟରଗୁଡ଼ିକୁ ତୁରନ୍ତ ହଟାଇବାକୁ କିମ୍ବା ସମ୍ପୂର୍ଣ୍ଣ କଭର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଚାର ପାଇଁ ଫଟୋ ଲାଗିଥିବା ଆଶଙ୍କାରେ ଜିଲା ବାହାରୁ ଆସୁଥିବା ଗାଡ଼ି ଏପରିକି ଜିଲାର ସରକାରୀ ଅଧିକାରୀଙ୍କ ଗାଡ଼ିଗୁଡ଼ିକୁ ମଧ ଅଟକାଇ ଚେକ୍ କରିବାକୁ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଟିମ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ପେଟ୍ରୋଲ୍ ପମ୍ପ‌ରେ ଲାଗିଥିବା ଫଟୋ ହଟାଇବାକୁ ନିର୍ଦ୍ଦେଶ ଦେବା ସହିତ ପ୍ରଚାର ପାଇଁ ବାହାରୁ ଆସିଥିବା ଏଲଇଡି ଭ୍ୟାନଯୁକ୍ତ ଗାଡ଼ିକୁ ଅଟକାଇ ରାଜ୍ୟ ଏମ୍‌ସିଏମ୍‌ସିର ପ୍ରାକ୍ ସାର୍ଟିଫିକେସନ ହୋଇଛି କି ନା ଯାଞ୍ଚ କରିବାକୁ କୁହାଯାଇଥିଲା। ଯଦି କୌଣସି ଅଧିକାରୀ, ସଂସ୍ଥା ଏବଂ ବ୍ୟକ୍ତି ବିଶେଷ ଉଲ୍ଲଂଘନ କରନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ନିର୍ବାଚନ ଅଧିକାରୀ ସୂଚନା ଦେଇଥିଲେ।

# ହୋର୍ଡିଂ, ବିଜ୍ଞାପନ ହଟାଇଲା ପ୍ରଶାସନ

ଦାରିଙ୍ଗବାଡି, ୧୭।୩ (ଅରୁଣ ସାହୁ)

ବିଧାନସଭା ଓ ଲୋକସଭା ପାଇଁ ନିର୍ବାଚନ ତାରିଖ ଘୋଷଣା ହେବା ପରେ ନେତାମାନେ ତତ୍ପରତା ଦେଖାଇଥିବା ବେଳେ ପ୍ରଶାସନ ପକ୍ଷରୁ ମଧ ଅବାଧ ସାଧାରଣ ନିର୍ବାଚନ କରାଇବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ରବିବାର ଦାରିଙ୍ଗବାଡି ପ୍ରଶାସନ ମିଳିତ ଚଢ଼ାଉ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ବେସରକାରୀ ଓ ବିଭିନ୍ନ ଗାଁ ଛକରେ ଲାଗିଥିବା ରାଜନୈତିକ ବ୍ୟାନର, ପୋଷ୍ଟର, ହୋର୍ଡିଂ ସହ ସରକାରୀ ବିଜ୍ଞାପନଗୁଡ଼ିକୁ ହଟାଇ ଦିଆଯାଇଛି। ବିଡ଼ିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର ଏବଂ ଆଇଆଇଆସି ଆନନ୍ଦ ଚନ୍ଦ୍ର ପାତ୍ର ପ୍ରମୁଖ ସଦଳବଳ ଉକ୍ତ ବ୍ଲକର ପଞ୍ଚାୟତ କାର୍ଯ୍ୟାଳୟ ସମେତ ଡାକ୍ତରଖାନା, ବ୍ଲକ କାର୍ଯ୍ୟାଳୟ, ଅଙ୍ଗନାୱାଡି କେନ୍ଦ୍ର, ତହସିଲ କାର୍ଯ୍ୟାଳୟ ଆଦି ସରକାରୀ ଜାଗାରେ ଲାଗିଥିବା ବିଜ୍ଞାପନ, ହୋର୍ଡିଂକୁ ହଟାଇ ଦେଇଛନ୍ତି। ସ୍ଥାନୀୟ ଲୋକଙ୍କୁ ଏହି ସମ୍ପର୍କରେ ସଚେତନ କରିଛନ୍ତି।

# ଟ୍ରାଫିକ ସମସ୍ୟାକୁ ନେଇ ବଢୁଛି ଅସନ୍ତୋଷ

ପାରଳାଖେମୁଣ୍ଡି, ୧୭।୩ (ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିରେ ବୃଦ୍ଧିପାଉଛି ଟ୍ରାଫିକ ସମସ୍ୟା। ୨୫ ବର୍ଷ ହେବ ଏକ ବାଇପାସ ନିର୍ମାଣ ପାଇଁ ପରିକଳ୍ପନା ହୋଇଥିଲେ ମଧ ଆଜି ଯାଏଁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ପ୍ରତିବର୍ଷ ଆରମ୍ଭରୁ କେବଳ ସର୍ଭେ କରି ଭୁଲିଯାଉଛି ଜିଲା ପ୍ରଶାସନ। ହେଲେ ପ୍ରତିବର୍ଷ ଆରମ୍ଭରୁ ଏହି ରାସ୍ତା ପାଇଁ ସର୍ଭେ କରିବା ସହ ଲୋକଙ୍କ ମନରେ ଆଶା ସଞ୍ଚାର କରିବା ସୁଯୋଗକୁ ପ୍ରଶାସନ ଆଦୌ ହାତଛଡ଼ା କରୁନାହିଁ । ତେବେ ଏହି ରାସ୍ତା କେବେ ନିର୍ମାଣ ହେବ, ତାହାକୁ ନେଇ ସ୍ଥାନୀୟ ଲୋକେ ସନ୍ଦିହାନ ହୋଇପଡିଛନ୍ତି। ଅନ୍ୟପଟେ ରାସ୍ତା କଡ଼ରେ ଚାରି ଚକିଆ ଯାନ ମାଲିକମାନେ ଗାଡିଗୁଡିକୁ ଅବାଧରେ ରଖୁଥିଲେ ମଧ ପୌରପାଳିକା କିମ୍ବା ଜିଲା ପ୍ରଶାସନ ପକ୍ଷରୁ ଆକଟ କରାଯାଉନାହିଁ। ସହର ଭିତରକୁ ସକାଳ ୮ଟାରୁ ଭାରୀ ଯାନ ଆସିବା ବନ୍ଦ ଥିବା ବେଳେ ପ୍ରଶାସନର ଏହି ନିୟମକୁ ଉଲ୍ଲଂଘନ କରି ଅବାଧରେ ଲୁହା, ସିମେଣ୍ଟ ବୋଝେଇ ଟ୍ରକଗୁଡିକ ଅବାଧରେ ଆସୁଥିବା ଯୋଗୁଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ରାସ୍ତା ଉପରେ ଉଠା ଦୋକାନ ସହ ସ୍ଥାୟୀ ଦୋକାନଗୁଡିକ ପାଇଁ ଲୋକେ ରାସ୍ତା ଉପରେ ନିଜର ବାଇକ, ଗାଡ଼ି ରଖି ରାସ୍ତା ସଂକୋଚିତ କରୁଛନ୍ତି। ପ୍ରଶାସନର ଏହି ସର୍ଭେ ପାଇଁ ସେହି ଅଞ୍ଚଳର ଜମିଗୁଡିକର ମୂଲ୍ୟ ବୃଦ୍ଧି ପାଇବାରେ ସହାୟକ ହୋଇଛି। ଯାହାଦ୍ୱାରା ଜମିମାଫିଆମାନେ ମାଲାମାଲ ହୋଇଛନ୍ତି। ଏଭଳି ବିଭିନ୍ନ ସମସ୍ୟା ସହରରେ ଦୀର୍ଘ ଦିନ ହେଲା ଲାଗି ରହିଥିବା ବେଳେ ଏହାର ସ୍ଥାୟୀ ସମାଧାନ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ଏଭଳି ସମସ୍ୟା ସହରରେ ଉପୁଜୁଛି। ଅନ୍ୟପଟେ ଭେଣ୍ଡିଂ ଜୋନ ନିର୍ମାଣ ହୋଇ କାମରେ ଆସୁନାହିଁ। ଏଥିପ୍ରତି ପୌରପରିଷଦ ଓ ପୋଲିସ ବିଭାଗ ଗୁରୁତ୍ୱ ଦେଲେ ସ୍ଥାୟୀ ସମାଧାନ ହୋଇ ପାରିଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ଚିତ୍ରକଳା ପ୍ରଦର୍ଶନୀରେ ବିଭୋର ହେଲେ ଦର୍ଶକ


ଛାତ୍ରୀଛାତ୍ରମାନେ ଚିତ୍ର କଳା ପ୍ରଦର୍ଶିତ କରୁଛନ୍ତି।

ଫୁଲବାଣୀ, ୧୭।୩(ରାକେଶ କୁମାର ରାଉତ)

ଫୁଲବାଣୀସ୍ଥିତ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ଏକ ଚିତ୍ରକଳା ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି। ଅଧକ୍ଷ ମଧୁପ ସୁନା ଅଧକ୍ଷତା କରିଥିଲେ। କଳା ଶିକ୍ଷକ ସମରେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଆଦିବାସୀ ଚିତ୍ରକଳା, ମଧୁବନୀ ଚିତ୍ର, ଶସ୍ୟ ହସ୍ତକଳା, ପୁସ୍ତକ ପ୍ରଚ୍ଛଦପଟ୍ଟ, ଟେକ୍ସଟାଇଲ ଡିଜାଇନ୍ ଆଦି ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ଼. ସୁବାସ ଚନ୍ଦ୍ର ପ୍ରଧାନ, ଖବରଦାତା ଅଶୋକ ମହାନ୍ତି ଯୋଗେଦଇ ଚିତ୍ରକଳା ଗୁଡ଼ିକର ଉଚ୍ଚ ପ୍ରଶଂସା କରିଥିଲେ । ମହାବିଦ୍ୟାଳୟର ସହକାରୀ ପ୍ରଫେସର ମନୋଜ କୁମାର ଲେଙ୍କା, ଛାତ୍ରୀଛାତ୍ର, କଳା ଶିକ୍ଷକଙ୍କ ଉଦ୍ୟମ ଓ ପ୍ରୟାସକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡ଼. ଧନଞ୍ଜୟ ସିଂ ପରିଚାଳନା କରିଥିଲେ। କଳା ଶିକ୍ଷକ ସମରେନ୍ଦ୍ର ବେହେରା ନିଜର ଅନୁଭୂତି ତଥା ଛାତ୍ରୀଛାତ୍ରଙ୍କ ଉଦ୍ୟମକୁ ସାଧୁବାଦ୍ ଜଣାଇବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଅଟୋ ଓଲଟି ୧୧ ଆହତ

ବୁଗୁଡା, ୧୭।୩(କାଳିଚରଣ ଦାଶ)

ବୁଗୁଡା ଥାନା ଅନ୍ତର୍ଗତ ପଙ୍କଲସାହି ଗାଁ ଛକ ନିକଟ ବୁଲାଣି ରାସ୍ତାରେ ଏକ ଯାତ୍ରୀବାହୀ ଅଟୋ ଓଲଟି ୧୧ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତରମାନେ ହେଲେ ବ୍ରହ୍ମପୁର ସିଦ୍ଧାର୍ଥ ନଗର ବାସିନ୍ଦା ନୁତୁନି ନାଇକ, ଦମୟନ୍ତୀ ଦାସ, ରାଜଲକ୍ଷ୍ମୀ ଦାସ (୫), ସୁମତି ଦାସ ଓ ଦିପକ ଦାସ ଏବଂ ଆହତ ଅଟୋ ଚାଳକ ହେଲେ ବ୍ରହ୍ମପୁର ଗୋଇଲୁଣ୍ଡିର ଆପାରାଓ ଦୋରା। ମାଣିତରା ପଞ୍ଚାୟତର କଣ୍ଡରାଇ ଗାଁର ଏକ ଭୋଜି କାର୍ଯ୍ୟରେ ଯୋଗଦେଇ ଅଟୋରେ ଫେରୁଥିବା ବେଳେ ପଙ୍କଲସାହି ଗାଁ ନିକଟ ବୁଲାଣି ରାସ୍ତାରେ ଓଲଟି ପଡିଥିଲା। ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ କରୁଛି।

### ସତ୍‌ସଙ୍ଗରେ ମହୁମାଛି ଆକ୍ରମଣ, ୫ ଆହତ

ଭଞ୍ଜନଗର, ୧୭/୩(ବାବୁଲା ପ୍ରଧାନ)

ଭଞ୍ଜନଗର ସହରତଳି ଲଣ୍ଡେଇସାହି ରଘୁନାଥ ମନ୍ଦିର ପରିସରରେ ଚାଲିଥିବା ଶ୍ରୀମଦ ଭାଗବତ କଥା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଅପରପକ୍ଷେ ସକାଳେ ମନ୍ଦିରରେ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଚାଲିଥିଲା। ଏହି ସମୟରେ ମହୁମାଛି ଆକ୍ରମଣରେ ୫ ଜଣ ଆହତ ହୋଇଛନ୍ତି। ସେଥିମଧ୍ୟରୁ ୨ ଜଣ ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଯାଇଛନ୍ତି। ସପ୍ତାହ ବ୍ୟାପୀ ଚାଲୁଥିବା ଏହି କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଅନୁପମ ବାନାର୍ଜୀ, ସୁରେନ୍ଦ୍ର ନାଥ ଗୌଡ ପ୍ରମୁଖ ସହଯୋଗ କରିଥିଲେ।

# ନିର୍ବାଚନ ପାଇଁ ବିଭିନ୍ନ ଟିମ୍ ଗଠିତ



ଜିଲା ପ୍ରଶାସନ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ପାରଳାଖେମୁଣ୍ଡି, ୧୭।୩(ଗିରିଧାରୀ ପରିଛା)

ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ରବିବାର ଗଜପତି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି।

ଜିଲାରେ ୪ ଲକ୍ଷ ୫୯ ହଜାର ୨୨୮ ଭୋଟର ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୨୪ ହଜାର ୪୦୫ ପୁରୁଷ ଓ ୨ ଲକ୍ଷ ୩୪ ହଜାର ୭୯୯ ଜଣ ମହିଳା ଓ ୨୪ ଜଣ ତୃତୀୟ ଲିଙ୍ଗ ରହିଛନ୍ତି। ୨୫୪୦ ଜଣ ବରିଷ୍ଠ ନାଗରିକ, ୧୦୩୭୬ ଦିବ୍ୟାଙ୍ଗ ଭୋଟର ଅଛନ୍ତି । ଜିଲାରେ ନିର୍ବାଚନ ଆଚରଣବିଧି ଲାଗୁ ହେବା ସହିତ ଏହାକୁ ତଦାରଖ କରିବା ପାଇଁ ବିଭିନ୍ନ ଟିମ୍ ଗଠନ କରାଯାଇଛି। ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଜିଲାରେ ୫୭୩ ଟି ମତଦାନ କେନ୍ଦ୍ର କରାଯାଇଛି। ମୋହନା ନିର୍ବାଚନ ମଣ୍ଡଳୀରେ ୨୯୭ ବୁଥ ଓ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୨୭୬ ବୁଥ ରହିଛି । ବୟସ୍କ ଓ ଦିବ୍ୟାଙ୍ଗ ଭୋଟରମାନେ ଯେଭଳି ସୁବିଧାରେ ମତଦାନ କରିବେ ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପି ସ୍ୱାତୀ ଏସ. କୁମାର, ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣାନିଧି ନାୟକ, ପାରଳାଖେମୁଣ୍ଡି ଉପଜିଲାପାଳ ଅନୁପ ପଣ୍ଡା, ଡେପୁଟି କଲେକ୍ଟର କମଳକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସଂଖ୍ୟାଲଘୁ ଭୋଟରଙ୍କ ଉପରେ ବିଜେଡି, କଂଗ୍ରେସର ନଜର

ବାଲିଗୁଡା, ୧୭।୩ (ସଞ୍ଜୟ କୁମାର ପାଣିଗ୍ରାହୀ)

**ବାଲିଗୁଡ଼ା ନିର୍ବାଚନମଣ୍ଡଳୀ**

୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିସାରିଛି। ବାଲିଗୁଡା ବିଧାନସଭା କ୍ଷେତ୍ରଟି ମେ' ୨୦ ରେ ନିର୍ବାଚନ ତାରିଖ ଘୋଷଣା ହୋଇଥିବା ବେଳେ ଏବେ ବିଭିନ୍ନ ଦଳ ସେମାନଙ୍କ ରଣନୀତିର ପେଡ଼ି ଖୋଲିବେ। କେଉଁ ବର୍ଗର ଲୋକଙ୍କୁ କିଭଳି ନିଜ ଭୋଟ ବ୍ୟାଙ୍କ ଭାବେ ଆପଣାଇବେ, ସେମାନଙ୍କୁ କିପରି ଆକୃଷ୍ଟ କରାଯିବ ତାହା ଏବେ ଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବାଲିଗୁଡା ନିର୍ବାଚନ ମଣ୍ଡଳୀ ଅଧୀନରେ ବାଲିଗୁଡା, କ.ନୂଆଗାଁ, ତୁମୁଡିବନ୍ଧ, କୋଟଗଡ ବ୍ଲକ ସମେତ ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ରହିଛି। ଏଥିରେ ମୋଟ ୧ଲକ୍ଷ ୬୦ ହଜାର ଭୋଟର ରହିଛନ୍ତି। କନ୍ଧମାଳ ଲୋକସଭା କ୍ଷେତ୍ରର ସବୁଠାରୁ କମ ଭୋଟର ରହିଥିବା ବିଧାନସଭା ନିର୍ବାଚନ ମଣ୍ଡଳୀ। ଏହି ନିର୍ବାଚନ ମଣ୍ଡଳୀରେ ସଂଖ୍ୟାଲଘୁ ଭୋଟରଙ୍କ ସଂଖ୍ୟା ୨୦ରୁ ୩୦ ଶତକଡା ରହିଥିବାରୁ ଏହି ଭୋଟରଙ୍କୁ ନିଜ ଦଳ ପାଇଁ ଆକୃଷ୍ଟ କରିବା ପାଇଁ ବିଜେଡି ଓ କଂଗ୍ରେସ ନଜର ରଖିଛନ୍ତି। ବିଜେଡି ଓ କଂଗ୍ରେସ ଚଳିତ ନିର୍ବାଚନରେ ଜଣେ ସଂଖ୍ୟାଲଘୁଙ୍କୁ ପ୍ରାର୍ଥୀ କରିବା ପାଇଁ ଚିନ୍ତା କରୁଥିବା ଜଣାପଡିଛି। ସଂଖ୍ୟାଲଘୁ ଭୋଟର ବାଲିଗୁଡା ନିର୍ବାଚନ ମଣ୍ଡଳୀର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ରାଜନୀତି ସମୀକ୍ଷକମାନେ କହୁଛନ୍ତି। ୨୦୧୯ ନିର୍ବାଚନରେ ସଂଖ୍ୟାଲଘୁ ଭୋଟର ଶାସକ ବିଜେଡି ଆଡକୁ ଯାଇଥିବାରୁ ବିଜୟୀ ହୋଇଥିବା ରାଜନୈତିକ ବିଷାରଦମାନେ କହୁଛନ୍ତି। ଚଳିତ ବର୍ଷ ସଂଖ୍ୟାଲଘୁ ଭୋଟରଙ୍କୁ ଶାସକ ବିଜେଡି ରଖିପାରିବ କି ନାହିଁ ତାହା ଏବେ ଠାରୁ କହିବା ମୁସକିଲ। ଗତ ଦୁଇ ସପ୍ତାହ ହେଲା ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ନେଇ ଦୁଇ ଦଳର ବରିଷ୍ଠ ନେତାଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଫଳରେ ମେଣ୍ଟକୁ ନେଇ ସବୁଆଡେ ଦୁଇ ଦଳର କର୍ମୀ, ନେତା ଓ ଲୋକଙ୍କ ମଧ୍ୟରେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଉଛି।

# କଳିଙ୍ଗ ମହାବିଦ୍ୟାଳୟରେ ଯୁବ ସମ୍ବାଦ ଭାରତ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଜି.ଉଦୟଗିରି, ୧୭।୩(ଶିଶିର ପଟ୍ଟନାୟକ)

କଳିଙ୍ଗ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ତରଫରୁ କେନ୍ଦ୍ର ସରକାରଙ୍କ କ୍ରୀଡା ଓ ଯୁବ ମନ୍ତ୍ରଣାଳୟ ଆନୁକୂଲ୍ୟରେ ତଥା ରାଜ୍ୟ ଆଞ୍ଚଳିକ ନିର୍ଦ୍ଦେଶାଳୟ ଅନୁଦାନରେ ଯୁବ ସମ୍ବାଦ ଭାରତ-୨୦୪୭ କାର୍ଯ୍ୟକ୍ରମ ଅଧକ୍ଷ ସୁଧାଂଶୁ ଶେଖର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡାକ୍ତର ଦେବବ୍ରତ ବାରିକ ଏବଂ ମୁଖ୍ୟବକ୍ତା ଭାବେ ଏନ୍‌ଏସ୍‌ଏସ୍ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ନଳିନୀ କୁମାର ପାଣିଗ୍ରାହୀ ଯୋଗଦେଇ ବିକଶିତ ଭାରତ ଗଠନରେ ଯୁବ ସମ୍ପ୍ରଦାୟ ପାଇଁ ପଞ୍ଚପ୍ରାଣର ଆବଶ୍ୟକତା ତଥା ଭାରତ-୨୦୪୭ ନିମନ୍ତେ ଯୁବ ସମ୍ପ୍ରଦାୟର ପ୍ରତିବଦ୍ଧତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧାପକ ଗିରିଶ୍ ମୁଠାମାଝି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଅଧାପିକା ସରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କୁସଂସ୍କାର ବିରୋଧରେ ଲଢ଼େଇ ଜାରି ରଖିଛନ୍ତି ବସ୍ତିନା

ଦାରିଙ୍ଗବାଡି, ୧୭।୩ (ଅରୁଣ ସାହୁ)



ବସ୍ତିନା ସିଂଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

- ମହିଳା ନେତ୍ରୀଙ୍କୁ ମିଳିଲା ସମ୍ମାନ
- ବିଜୁବାବୁ ଦେଇଥିଲେ ସ୍ୱତନ୍ତ୍ର ପୋଲିସ ପାୱାର

ସେ ବି ଜଣେ ନାରୀ। ସେ ବି ଜଣେ ମା'। ସେ ଏମିତି ସେମିତି ନାରୀ ନୁହଁନ୍ତି, ଅନେକ ସମସ୍ୟା ମଧ୍ୟରେ ଗତି କରି କୁସଂସ୍କାରକୁ ଦୂରେଇବାରେ କାର୍ଯ୍ୟକରି ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ସେ ହେଉଛନ୍ତି କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଦାସିଙ୍ଗବାଡି ଅଞ୍ଚଳର ବସ୍ତିନା ସିଂ। ଶୁକ୍ରବାର ଭୁବନେଶ୍ୱରରେ ଏକ ବିଶାଳ ସମାରୋହରେ ନ୍ୟାସନାଲ ଆଲାଏନ୍ସ ଅଫ ମହିଳାଙ୍କ ଦ୍ୱାରା ରାଜ୍ୟସ୍ତରୀୟ ଅନନ୍ୟା ପୁରସ୍କାର ପ୍ରଦାନ କରାଯାଇଛି, ଯାହାକି ଅଞ୍ଚଳରେ ସମସ୍ତ ମହିଳାଙ୍କ ପାଇଁ ବସ୍ତିନା ଏବେ ରୋଲ୍ ମଡେଲ ସାଜିଛନ୍ତି। ବସ୍ତିନା ପ୍ରଥମେ ୯୦ ଦଶକରେ ଏହି କୁସଂସ୍କାର ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିଲେ। ସଚେତନତା ଅଭାବ ଯୋଗୁଁ ପୁରୁଷମାନେ ମଦ ପିଇ ମହିଳାଙ୍କୁ ନିର୍ଯାତନା ଦେବା ସହ ପରିବାରର ଆର୍ଥିକ ମାନଦଣ୍ଡ ଭୁଶୁଡି ପଡୁଥିଲା। ସେହିପରି ଘରେ ଥିବା ପିଲାଙ୍କୁ ସ୍କୁଲ ପଠାଉନଥିଲେ। କମ ବୟସରୁ କିଶୋରୀ କିଶୋରଙ୍କୁ ବିବାହ କରେଇଦେଉଥିଲେ। ଏସବୁକୁ ଦେଖି ବସ୍ତିନା ସହି ପାରୁନଥିଲେ। ସେ ଭୋଗିଥିବା କଷ୍ଟ ଯେମିତି ଆଉ କେହି ନ ଭୋଗନ୍ତୁ ସେଥିପାଇଁ ସେ ସମାଜସେବା ଆରମ୍ଭ କରିବା ସହ କୁସଂସ୍କାର ଦୂର କରିବାକୁ ଅଣ୍ଟା ଭିଡ଼ିଲେ। ତାଙ୍କୁ ଯେତେବେଳେ ୧୬ବର୍ଷ ବୟସ ହୋଇଥିଲା ପରିବାର ଲୋକ ତାଙ୍କୁ ବିବାହ କରିଦେଇଥିଲେ। ସେ ପରିସ୍ଥିତିରେ ପଡ଼ି ଗୃହିଣୀ ଭାବରେ ନିଜର ଦାମ୍ପତ୍ୟ ଜୀବନ ଆରମ୍ଭ କରିଥିଲେ। ହେଲେ ସେ ଯେଉଁଭଳି ନାବାଳିକା ଅବସ୍ଥାରେ ବିବାହ କରିଥିଲେ ଓ ଏଥିପାଇଁ ସେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଆନ୍ଦୋଳନ ଆରମ୍ଭ କରି ପରେ ଅଞ୍ଚଳରେ ମହିଳା ନେତ୍ରୀ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ। ଦେଶୀ ମଦ ବିକ୍ରିର କେନ୍ଦ୍ରବିନ୍ଦୁ ନିଜ ଗାଁ ଦସିଙ୍ଗବାଡି ଗ୍ରାମର ମହିଳାମାନଙ୍କୁ ସଂଗଠିତ କରିଥିଲେ। ଆନ୍ଦୋଳନକୁ ତୀବ୍ର କରିବାରୁ ତାଙ୍କୁ ନିଜ ସମ୍ପ୍ରଦାୟର ଲୋକଙ୍କ ସହ ବିରୋଧର ସାମ୍ନା କରିବାକୁ ପଡିଲା। ବିରୋଧ ସତ୍ତ୍ୱେ ସେ ଡାସିଙ୍ଗବାଡି ପଞ୍ଚାୟତକୁ ଏକ ମଦମୁକ୍ତ ପଞ୍ଚାୟତ କରିବା ପାଇଁ ଆଗକୁ ଅଣ୍ଟା ଭିଡି ସଫଳ ହୋଇଥିଲେ। ୧୯୯୫ରେ ମଦମୁକ୍ତ ଗ୍ରାମ ପଞ୍ଚାୟତ ଭାବରେ ଦାସିଙ୍ଗବାଡିକୁ ଗାନ୍ଧୀ ପୁରସ୍କାର ପୁରସ୍କାର ମିଳିଥିଲା। ଏଥିପାଇଁ ବସ୍ତିନା ଏବଂ ତାଙ୍କ ସଂଗଠନର ୧୨ଜଣ ମହିଳାଙ୍କୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର ପୋଲିସ ପାୱାର ପ୍ରଦାନ କରିଥିଲେ। ୧୨ଟି ବିଜୁ ଠେଙ୍ଗା ଯୋଗାଇଦେଇଥିଲେ, ଯାହା କି ସେହି ସମୟରେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ବସ୍ତିନା ଆଉ ପଛକୁ ଦେଖିନାହାନ୍ତି। ଅଞ୍ଚଳ ପାଇଁ ନିଶା ନିବାରଣ ଓ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଅଞ୍ଚଳରେ ତାଙ୍କୁ ଏନେଇ ସମସ୍ତେ ସାଧୁବାଦ ଜଣାଇଛନ୍ତି।

# ନିର୍ବାଚନ ଆଚରଣବିଧି କଡ଼ାକଡ଼ି ପାଳନ ହେବ

## ଗଞ୍ଜାମରେ ୨୯.୭୧ ଲକ୍ଷ ଭୋଟର, ୩୦୭୭ ବୁଥ ପ୍ରସ୍ତୁତ

ଛତ୍ରପୁର,୧୭।୩ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ଗଞ୍ଜାମ ଜିଲା ପ୍ରଶାସନ ତତ୍ପର ହୋଇଛି। ନିର୍ବାଚନ ଆଚରଣ ବିଧି କଡ଼ାକଡ଼ି ପାଳନ ଲାଗି ଗୁରୁତ୍ୱ ଦିଆଯାଇଛି। ଏନେଇ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଆଲୋଚନା କରିଛନ୍ତି। କିଭଳି ନିର୍ବାଚନ ଅବାଧ ଓ ନିରପେକ୍ଷ ହେବ ସେ ନେଇ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ନିର୍ବାଚନ ଆଚରଣବିଧି ଲାଗୁ ହୋଇଯାଇଥିବାରୁ ଜିଲାର ସମସ୍ତ ସ୍ଥାନରୁ ୪୮ ଘଣ୍ଟା ମଧ୍ୟରେ ବ୍ୟାନର, ପୋଷ୍ଟର, ହୋର୍ଡିଂ ବାହାର କରାଯାଉଥିବା ଜିଲାପାଳ କହିଛନ୍ତି। ଗଞ୍ଜାମ ଜିଲାରେ ଦୁଇଟି ପର୍ଯ୍ୟାୟରେ ୧୩ ବିଧାନସଭା ଆସନ ଏବଂ ବ୍ରହ୍ମପୁର ଓ ଆସ୍କା ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ ହେବ। ଜିଲାରେ ୨୯ ଲକ୍ଷ ୭୧ ହଜାର ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୫,୩୧,୬୬୦ ପୁରୁଷ ଓ ୧୪, ୩୯, ୮୮୬ ମହିଳା ଭୋଟର ଅଛନ୍ତି। ତୃତୀୟ ଲିଙ୍ଗ ୨୮୧ ଏବଂ ଯୁବ ଭୋଟର ୬୫,୦୮୦ ରହିଛନ୍ତି। ମତଦାତା ଲାଗି ୩୦୭୭ ଟି ବୁଥ କେନ୍ଦ୍ର ସ୍ଥାପନ ହୋଇଛି। ୪୨୪ ସଖି ବୁଥ କରାଯାଇଛି ଓ ୨୬ ମହିଳା ଲିଡବୁଥ ଏବଂ ୩୯ ଯୁବବୁଥ କରାଯାଇଛି। ସେହିପରି ୧୩ଟି ଦିବ୍ୟାଙ୍ଗମାନଙ୍କ ପାଇଁ ବୁଥ କରାଯାଇଛି। ପ୍ରାର୍ଥୀମାନେ 'ସୁବିଧା' ନାମକ ଡିଜିଟାଲ ଆପ ଜରିଆରେ ପ୍ରାର୍ଥୀପତ୍ର ଦାଖଲ, ସଭା ସମିତି ଅନୁମତି ପାଇବାର ବ୍ୟବସ୍ଥା କରାଯାଇଛି। ୮୫ବର୍ଷରୁ ଉର୍ଦ୍ଧ ଭୋଟରଙ୍କ ଲାଗି ସ୍ୱତନ୍ତ୍ର ଭାବେ ଘରେ ରହି ଭୋଟଦାନର ବ୍ୟବସ୍ଥା ରହିଛି। ଭୋଟ ଗ୍ରହଣ ପାଇଁ ୨୨ ହଜାର ୧୫୨ ପୋଲିଙ୍ଗ ଅଫିସର ନିଯୁକ୍ତ ପାଇଛନ୍ତି। ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ ଖର୍ଚ୍ଚ ମନିଟରିଙ୍ଗ ଟିମ ଗଠିତ ହୋଇଛି। ଏଥିପାଇଁ ୪୩ ଫ୍ଲାଇଙ୍ଗ ସ୍କ୍ୱାର୍ଡ, ୪୩ ଷ୍ଟାଟିକ ଓ ୩୯ ଭିଡିଓ ସର୍ଭେଲାନ୍ସ ଟିମ, ୧୯ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଉପସ୍ଥିତ ଥିଲେ।



ଜିଲ୍ଲାପାଳ ସୂଚନା ଦେଉଛନ୍ତି

## ଟଙ୍କା ଚୋରି ଘଟଣାରେ ଯୁବକ ଗିରଫ

ବ୍ରହ୍ମପୁର,୧୭।୩ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହୁଥିବା ସୁନିତା ପ୍ରଧାନଙ୍କ ଘରୁ ଗତ ୧୦ ତାରିଖରେ ୭୦ ହଜାର ଟଙ୍କା ଚୋରି ହୋଇଥିଲା। ଉକ୍ତ ଘଟଣାରେ ବୈଦ୍ୟନାଥପୁର ଥାନା ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କୋଟିନଡା ଥାନା ମଣ୍ଡାପଡା ଗ୍ରାମର କୁନା ଜେନା। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶେରଗଡ ଥାନା ବଡଗଡ ଗ୍ରାମର ମୂଳ ନିବାସୀ ସୁନିତା ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହୁଥିଲେ। ତାଙ୍କ ଘରେ କୁନା ମଧ ରହୁଥିଲେ । କିଛିଦିନ ତଳେ ସୁନିତା ମନ୍ଦିରକୁ ଯାଇ ଫେରିବା ପରେ ତାଙ୍କ ଘରେ ଥିବା ଆଲମିରାରୁ ୭୦ ହଜାର ଟଙ୍କା ଗାଏବ ହୋଇଯାଇଥିବା ଦେଖିଥିଲେ। ତେବେ ଦିନକ ପୂର୍ବରୁ କୁନା ଘର ଚାବି ମାଗି ନେଇଥିବାରୁ ସେ ଟଙ୍କା ଚୋରାଇଥିବା ସୁନିତା ସନ୍ଦେହ କରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ପୋଲିସ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ତାଲିମ

ବ୍ରହ୍ମପୁର,୧୭।୩(ସୁବାସ ଚନ୍ଦ୍ର ପାଢ଼ୀ)

ଦକ୍ଷିଣାଞ୍ଚଳ ଆଇଜିଙ୍କ ସମ୍ମିଳନୀ କକ୍ଷରେ ବ୍ରହ୍ମପୁର ପୋଲିସ ଜିଲାରେ କାର୍ଯ୍ୟରତ ପୋଲିସ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ସମ୍ପର୍କରେ ତାଲିମ ଦିଆଯାଇଥିଲା। ବ୍ରହ୍ମପୁର ଏସପି ଡ. ସର୍ବଣା ବିବେକ ଏମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଜି ଜୟନାରାୟଣ ପଙ୍କଜ, ଗ୍ରେଜେରି ଅଧିକାରୀ ପ୍ରଭବ ତ୍ରିପାଠୀ ମଞ୍ଚାସୀନ ଥିଲେ । ନିର୍ବାଚନ ସମୟରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଏସପି କହିଥିଲେ। କର୍ମଶାଳାରେ ପୋଲିସ ଫ୍ଲାଇଂ ସ୍କ୍ୱାର୍ଡ ଓ ସ୍ୱତନ୍ତ୍ର ଟିମରେ ସାମିଲ ଥିବା ଇନ୍ସପେକ୍ଟର, ଏସଆଇ, ଏଏସଆଇ, ହାବିଲଦାର ଯୋଗ ଦେଇଥିଲେ। ନିର୍ବାଚନ ପ୍ରକ୍ରିୟା ଚାଲୁଥିବା ବେଳେ ଗଣ୍ଡଗୋଳ, ବିଭ୍ରାଟ, ଟଙ୍କା କାରବାର ହେଉଥିଲେ କିଭଳି ପଦକ୍ଷେପ ନେବେ ସେ ନେଇ ସେମାନଙ୍କୁ ତାଲିମ ଦିଆଯାଇଥିଲା ।

## ଆଇନଜୀବୀଙ୍କ ୫ଲକ୍ଷ ଟଙ୍କା ଲୁଟ୍ ଘଟଣା

# ୪ ମହିଳା ସମେତ ୬ ଗିରଫ

ବ୍ରହ୍ମପୁର,୧୭।୩(ସୁବାସ ଚନ୍ଦ୍ର ପାଢ଼ୀ)

ଗୋଦାବରୀଶ ନଗରରେ ରହୁଥିବା ଆଇନଜୀବୀ ରମେଶ ଚନ୍ଦ୍ର ପଣ୍ଡାଙ୍କ ସ୍କୁଟିରୁ ୫ଲକ୍ଷ ୨୦ ହଜାର ଟଙ୍କା ଲୁଟ ହୋଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୪ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଞ୍ଜନଗରର ଚାଣ୍ଡି ଦାସ, ତାଙ୍କ ସ୍ତ୍ରୀ ଆଶା ଦାସ, ଅଞ୍ଜଳି ଦାସ, ଦୀପା ଦାସ ଓରଫ ଦାସୁ ଦୀପା, ଯାଜପୁର କୋରେଇ ଥାନା ଅଞ୍ଚଳର ରାଜା ପ୍ରଧାନ ଓ କୋଟିନଡ଼ା ଥାନା ନାରାୟଣପୁର ଗ୍ରାମର ଆର. ଗଙ୍ଗା। ପୋଲିସ ସେମାନଙ୍କ ନିକଟରୁ ୧ଲକ୍ଷ ୨୨ହଜାର ୬୨୦ ଟଙ୍କା, ଘଟଣାବେଳେ ବ୍ୟବହୃତ ବାଇକ, ୩ ମୋବାଇଲ ଫୋନ୍ ଓ ୧୨ଟି ସିମ ଜବତ କରିଛି। ୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ରମ୍ଭା ଅଞ୍ଚଳର ମୂଳ ନିବାସୀ ରମେଶ କିଛିବର୍ଷ ହେଲା ଗୋଦାବରୀଶ ନଗରରେ ରହୁଥିଲେ। ସେ ଗତ ୧୦ ତାରିଖରେ ୟୁନିଅନ ବ୍ୟାଙ୍କ ଯାଇ କୌଣସି କାମ ପାଇଁ ୫ଲକ୍ଷ ୨୦ ହଜାର ଟଙ୍କା ଉଠାଣ କରିଥିଲେ। ଟଙ୍କା ଭର୍ତ୍ତି ବ୍ୟାଗଟି ନିଜ ସ୍କୁଟିରେ ରଖି ସେ କୋର୍ଟକୁ ଯାଉଥିଲେ। ରାସ୍ତାରେ ଇଲେକ୍ଟ୍ରି ଅଫିସ ନିକଟରେ ସ୍କୁଟି ପାର୍କିଂ କରିଥିଲେ। ପରେ ସେ ଦେଖିବା ବେଳକୁ ଟଙ୍କା ଭର୍ତ୍ତି ବ୍ୟାଗଟି ଗାଡ଼ିରେ ନ ଥିଲା। ଖୋଜାଖୋଜି ପରେ ନ ମିଳିବାରୁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ.୧୫୩/୨୪ ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସ୍କୁଟି ପାର୍କିଂ ହୋଇଥିବା ଅଞ୍ଚଳର ସିସିଟିଭି ଫୁଟେଜରୁ ଅଭିଯୁକ୍ତମାନଙ୍କୁ କାବୁ କରିପାରିଥିଲା। ଲୁଟେରା ଗ୍ୟାଙ୍ଗ ରମେଶଙ୍କୁ ବ୍ୟାଙ୍କରୁ ପିଛା କରୁଥିଲେ ବୋଲି ଜେରା ବେଳେ ଜଣାପଡିଛି।

## କଳାବ୍ୟାଜ ପିନ୍ଧିଲେ ଖବରଦାତା

ବେଲଗୁଣ୍ଠା,୧୭।୩(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ରାଜ୍ୟରେ ଶନିବାରଠାରୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ଏହା ପୂର୍ବରୁ ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଯୋଜନାମାନ ଘୋଷଣା କରିଥିଲେ ମଧ୍ୟ ଖବରଦାତାମାନଙ୍କୁ ସମ୍ପୂର୍ଣ୍ଣ ଅବହେଳା କଲେ। ଏହା ପ୍ରତିବାଦରେ ରବିବାର ଉତ୍କଳ ସାମ୍ବାଦିକ ସଂଘ ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ତଥା ବେଲଗୁଣ୍ଠା ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ଆହ୍ୱାନକ୍ରମେ ବେଲଗୁଣ୍ଠାର ଖବରଦାତାମାନେ କଳା ବ୍ୟାଜ୍ ପିନ୍ଧି ନିଜ କର୍ମ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ସରକାର ସମସ୍ତ ବର୍ଗକୁ ସନ୍ତୁଷ୍ଟ କରିଥିବା ବେଳେ ସାମ୍ବାଦିକତା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଅବହେଳା କରିବା ଘଟଣାକୁ ବୁଦ୍ଧିଜୀବୀ ମହଲ ନାପସନ୍ଦ କରିଛନ୍ତି।

# ୧୫୭ ୟୁନିଟ୍ ରକ୍ତ ସଂଗୃହୀତ

ଗଞ୍ଜାମ,୧୭।୩(ବିଦ୍ୟାଧର ସାହୁ)

ରକ୍ତ ଭଣ୍ଡାରରେ ଦେଖାଯାଇଥିବା ରକ୍ତ ଅଭାବ ସଙ୍କଟକୁ ଦୂର କରିବାକୁ ଦୃଷ୍ଟିରେ ରଖି ଗଞ୍ଜାମ ଥାନା ପୋଲିସ ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଥାନାଧିକାରୀ ସୁମିତ୍ରା ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ୧୫୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଆଡିଶନାଲ ଏସପି ଅଜୟ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥିଭାବେ ଏସପି ରଞ୍ଜନ କୁମାର ପୃଷ୍ଟି, ଏସଡିପିଓ ଗୌରହରି ସାହୁ, ଡିଏସପି ସନ୍ତୋଷ କୁମାର ବାରିକି, ଗଞ୍ଜାମ ପୌରାଞ୍ଚଳ ନାଗରିକ ସଂଘ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ଚମାଖଣ୍ଡି ଆଇଆଇସି ଦୀପିକା ରାୟ, ରମ୍ଭା ଆଇଆଇସି ସତ୍ୟବ୍ରତ ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ପୋଲାଉଣି ପଞ୍ଚାୟତ ତାରିଣୀପଲ୍ଲୀ ଗ୍ରାମର ଦିବ୍ୟାଙ୍ଗ ଶିକ୍ଷକ ରବୀନ୍ଦ୍ର କୁମାର ସେଠୀ ରକ୍ତଦାନ କରିଥିବାରୁ ଆଇଆଇସି ପାତ୍ର ତାଙ୍କୁ ଉପହାର ପ୍ରଦାନ କରିଥିଲେ। ସେହିପରି ଡ୍ରାଇଭର ମହାସଂଘର ଉପସଭାପତି ଧରଣୀଧର ସାହୁଙ୍କ ସମେତ ଓଡିଶା ଡ୍ରାଇଭର ମହାସଂଘର ୩୫ଜଣ ସଦସ୍ୟ ରକ୍ତଦାନ କରିଥିଲେ।

## ଛତ୍ରପୁରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ଛତ୍ରପୁର,୧୭।୩ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଆଗାମୀ ସାଧାରଣ ନିର୍ବାଚନ ଦୃଷ୍ଟି ପରିପ୍ରେକ୍ଷୀରେ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ରବିବାର ଛତ୍ରପୁରଠାରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ଛତ୍ରପୁର ଏସଡିପିଓ ଗୌରହରି ସାହୁ, ଥାନା ଆଇଆଇସି ନିରୋଦ କୁମାର ଦାସଙ୍କ ସମେତ ପୋଲିସ ଓ କେନ୍ଦ୍ରୀୟ ଫୋର୍ସ ସାମିଲ ହୋଇ ସହର ସାରା ଫ୍ଲାଗମାର୍ଚ୍ଚ କରିଥିଲେ। ଛତ୍ରପୁର ସହରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଏହାର ଲକ୍ଷ୍ୟ ବୋଲି କୁହାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ଛତ୍ରପୁର ସହର ବିଭିନ୍ନ ସ୍ଥାନରେ ଲାଗିଥିବା ସରକାରୀ ଓ ରାଜନୈତିକ ଦଳର ପୋଷ୍ଟର ଓ ହୋର୍ଡିଂ ହଟାଯାଇଛି।

## ନିଷ୍ଟରେ ସାମାଜିକ ଦାୟିତ୍ୱବୋଧ ଆଲୋଚନାଚକ୍ର

ବ୍ରହ୍ମପୁର,୧୭।୩(ସ୍ମୃତି ରଞ୍ଜନ ମହାଲିକ)

ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ରୋଟାରୀ କ୍ଲବ ଅଫ ବ୍ରହ୍ମପୁରର ମିଳିତ ଆନୁକୁଲ୍ୟରେ ନିଷ୍ଟ ପିଆର ସେଲ ଓ ମିଡିଆ ମୁଭର୍ସ କ୍ଲବ ପକ୍ଷରୁ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱବୋଧ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ବିଶ୍ୱବିଦ୍ୟାଳୟ ଅଧାପକ, କର୍ମଚାରୀ ଓ ୨ଶହ ଛାତ୍ରୀଛାତ୍ରଙ୍କୁ ସମାଜରେ ଦାୟିତ୍ୱବୋଧ ସଂପର୍କରେ ପରାମର୍ଶ ଦେଇଥିଲେ। ସମାଜ ଓ ରାଷ୍ଟ୍ରକୁ ନୂତନ ଦିଗଦର୍ଶନ ଦେବାକୁ ସେ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡ. ପି. ରାଜେଶ କୁମାର ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ସେଣ୍ଟ୍ରାଲ ରୋଟାରୀ କ୍ଲବର ସଭାପତି ସି. ମୋହନ ସୁବୁଦ୍ଧି, ସଂପାଦକ ଭି. ଜୟରାମ, ଓଡିଶା ସିଏସଆର ଫୋରମର ସଂପାଦକ ସୁକାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ, ଏଚଆର ଆଣ୍ଡ ପ୍ରଶାସନିକ ମୁଖ୍ୟ ସୟଦ ସୁଲେମାନ ଅଲି ବୀରେନ୍ଦ୍ର ପଣ୍ଡାଙ୍କୁ ସମ୍ମାନିତ କରିଥିଲେ। ଡ. ଦୁର୍ଯ୍ୟୋଧନ ସାହୁ, ଡ. ଆକାଂକ୍ଷା ପଟ୍ଟନାୟକ ଓ ଡ. ପ୍ରୀତି ରଞ୍ଜନ ସାହୁ ସହଯୋଗ କରିଥିଲେ। ପିଆର ସେଲର ମୁଖ୍ୟ ଡ. ସବ୍ୟସାଚୀ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆସିକାରେ ପୋଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ





ପୋଲିସର ଫ୍ଲାଗ୍ ମାର୍ଚ୍ଚ।

ଆସିକା ୧୭।୩ (ସୁରେନ୍ଦ୍ର ନାଥ ସାହୁ)

ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ହୋଇଥିଲା ବେଳେ ନିର୍ବାଚନକୁ ମୁକ୍ତ, ଅବାଧ ଓ ଭୟଶୂନ୍ୟ କରିବା ଲକ୍ଷ୍ୟରେ ରବିବାର ଆସିକା ପୋଲିସ ପକ୍ଷରୁ ସହରାଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଉପଖଣ୍ଡ ପୋଲିସ ଅଧିକାରୀ ସଂଜୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, କୋଟିନଡା ଥାନା ଅଧିକାରୀ କୃଷ୍ଣ ସାହାଙ୍କ ସମେତ ବହୁ ସବଇନିସପେକ୍ଟର ଓ ୩ ପ୍ଲାଟୁନ ସଶସ୍ତ୍ର ପୋଲିସ ଏହି ମାର୍ଚ୍ଚରେ ସାମିଲ ହୋଇଥିଲେ । ଏସଡିପିଓ ଅଫିସରୁ ବାହାରି ବିନୋବା ମାର୍ଗ, ଲକ୍ଷ୍ମୀ ବଜାର, ବସଷ୍ଟାଣ୍ଡ, କଳିଙ୍ଗା ରୋଡ, ବିଜୁ ପଟ୍ଟନାୟକ ଛକ, ବାଣୀବିହାର, ଖମ୍ବେଶ୍ୱରୀପାଟଣା ଆଦି ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ ହୋଇଥିଲା। ପୋଲିସ ପ୍ରତି ଜନସାଧାରଣଙ୍କ ଆସ୍ଥା ପ୍ରକଟ କରିବା ଲକ୍ଷ୍ୟରେ ଏହା କରାଯାଇଥିବା କୁହାଯାଇଛି । ଅପରପକ୍ଷେ ନିର୍ବାଚନ ସମୟରେ କୌଣସି ପ୍ରକାର ବିଶୃଙ୍ଖଳିତ ଆଚରଣକୁ ବରଦାସ୍ତ କରାଯିବ ନାହିଁ ଓ ପୋଲିସ ପକ୍ଷରୁ ଅପରାଧୀତତ୍ତ୍ୱଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ମହାପାତ୍ର ସତର୍କ କରାଇ ଦେଇଛନ୍ତି।

## ବିଜୁ ପଟ୍ଟନାୟକ କଲେଜରେ ପାଠଚକ୍ର

ଦିଗପହଣ୍ଡି,୧୭।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟରେ କ୍ରମାଗତ ୩ ଦିନ ଧରି ବିଭିନ୍ନ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସ୍ୱାଗତିକା ପାତ୍ରଙ୍କ ଅଧକ୍ଷତାରେ ଗୃହ ବିଜ୍ଞାନ ବିଭାଗର 'ମାତୃ ଓ ଶିଶୁ ଅପମୃତ୍ୟୁର କାରଣ ଓ ନିରାକରଣ' ଶୀର୍ଷକ ପାଠଚକ୍ରରେ ମହାମାୟି ମହାବିଦ୍ୟାଳୟର ଅଧାପିକା ଡ. ମମତା କୁମାରୀ ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ରାଜନୀତି ବିଜ୍ଞାନ ବିଭାଗର 'ଗଣତନ୍ତ୍ର ଓ ତା'ର ବିକାଶ' ଶୀର୍ଷକ ପାଠଚକ୍ରରେ ଭିଷ୍ମଗିରି ରାମଜୀ ମହାବିଦ୍ୟାଳୟର ଅଧକ୍ଷ ନିହାର ରଞ୍ଜନ କର ଏବଂ ଏଜୁକେସନ ବିଭାଗର 'ଉଚ୍ଚ ଶିକ୍ଷାରେ ସାମଗ୍ରିକ ଗୁଣାତ୍ମକ ଶିକ୍ଷାଦାନ' ଶୀର୍ଷକ ପାଠଚକ୍ରରେ ଖେମୁଣ୍ଡି ମହାବିଦ୍ୟାଳୟର ଅଧାପକ ଦୁର୍ଯ୍ୟୋଧନ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପିକା ସସ୍ମିତା ପଟ୍ଟନାୟକ, ସୌଦାମିନୀ ବେହେରା ଏବଂ ଡ. ସୁଜାତା କୁମାରୀ ପାତ୍ର ପାଠଚକ୍ର ସଂଯୋଜନା କରିଥିବା ବେଳେ ବହୁ ଛାତ୍ରୀ ପାଠଚକ୍ରରେ ଅଂଶଗ୍ରହଣ କରି ନିଜସ୍ୱ ସନ୍ଦର୍ଭ ଉପସ୍ଥାପନ କରିଥିଲେ।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ଛତ୍ରପୁର,୧୭।୩ (ଦିଲୀପ ସାମଲ)

ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଶିଶୁ ବାଟିକାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ପ୍ରଥମ ସୋପାନ ଅନୁଷ୍ଠିତ ହୋଇଯାଇଅଛି। ପରିଚାଳନା ସମିତିର ସଭାପତି ଉପେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗଞ୍ଜାମ ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ସଂଭାଗ ଶିଶୁବାଟିକା ସଂଯୋଜକ ବିଦ୍ୟାଭାରତୀଙ୍କ ଯୋଜନାରେ ଶିଶୁ ବାଟିକା ଶିକ୍ଷା ଏବଂ ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶରେ ମା'ଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ। ପରିଚାଳନା କମିଟିର ଉପାଧକ୍ଷ ଗୀତା ପାଢୀ ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଉପସ୍ଥିତ ସମସ୍ତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକାର ପ୍ରମୁଖ ବି. ସୁଶୀଳା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ମୀରାବାଈ ସାହୁ, ଭି. ସରସ୍ୱତୀ, ଇଲାରାଣୀ ମିଶ୍ର, ସୁନୀତା ଶତପଥୀ, ମଧୁମିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ବିଷୟରେ ଶିଶୁଙ୍କୁ ମାର୍ଗ ଦର୍ଶନ କରିଥିଲେ।

## ୨୫ କିଲୋ ଗଞ୍ଜେଇ ସହ ସ୍କୁଟି ଜବତ, ଜଣେ ଗିରଫ

ଖଲ୍ଲିକୋଟ,୧୭।୩(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜେଇ ଚୋରା ଚାଲାଣ ବେଳେ ୨୫ କିଲୋ ଗଞ୍ଜେଇ ସହିତ ସ୍କୁଟି ଜବତ ହୋଇଛି। ଖଲ୍ଲିକୋଟ ଥାନା ନିର୍ମଳଝର ନିକଟବର୍ତ୍ତୀ ମୁକୁନ୍ଦପୁର ଛକରୁ ରବିବାର ଭୋର ୩ଟା ସମୟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଜବତ କରିବା ସହିତ ଚାଲାଣକାରୀଙ୍କୁ ଗିରଫ କରିଚି। କୋଦଳାରୁ ଖଲ୍ଲିକୋଟ ଅଭିମୁଖେ ଏକ ସ୍କୁଟି ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ଏସଆଇ ପିଙ୍କିନି ପଟ୍ଟନାୟକ, ଏଏସଆଇ ଅନିଲ ଶବର, ହାବିଲଦାର ରମେଶ କୁମାର ରାଉତ ପ୍ରମୁଖ ଚଢ଼ାଉ କରି ଦୁଇଟି ଅଖାରେ ଥିବା ୨୫ କିଲୋରୁ ଉର୍ଦ୍ଧ୍ୱ ଗଞ୍ଜେଇ ସହ ସ୍କୁଟିକୁ ଜବତ କରିଥିଲେ। ଚାଲାଣକାରୀ କୋଦଳା ପଣ୍ଡାସାହିର ସୋନୁ ମୁନିକୁ ଗିରଫ କରିଥିଲେ।

# ସରକାର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଦାବି

## ଓଡ଼ିଶା ଅମଲା ସଂଘର ବୈଠକ

ବ୍ରହ୍ମପୁର,୧୭।୩(ଅଶୋକ କୁମାର ସାହୁ)

ବ୍ରହ୍ମପୁରସ୍ଥିତ ଗେଟ ବଜାର ଏନଜିଓ ହଲରେ ଓଡିଶା ଅମଲା ସଂଘର ଏକ ଭର୍ଚ୍ଚୁଆଲ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ରଖାଯାଇଥିବା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାସ୍ତରୀୟ ଅମଲାଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଅନୁସାରେ ଦରମା ହାର ଟ.୯୩୦୦, ଗ୍ରେଡ୍ ପେ ଟ.୪୨୦୦ ଟଙ୍କା ପ୍ରଦାନ ପାଇଁ ସଂଘ ୨୦୧୭ରୁ ଦାବି କରି ଆସୁଛି। ପ୍ରାୟ ୩୦୦୦୦ ଅମଲା ଏନେଇ ଭୁବନେଶ୍ୱରରେ ଏକ ବିରାଟ ସମାବେଶ କରିଥିଲେ। ଗତ ବର୍ଷ ଜୁନ ପହିଲାରୁ ୧୭ଦିନ ପର୍ଯ୍ୟନ୍ତ ସମୂହ ଛୁଟି ନେଇଥିଲେ। ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଥିଲା। କିନ୍ତୁ ସାଧାରଣ ପ୍ରଶାସନ ବିଭାଗର ପତ୍ର ସଂଖ୍ୟା ୮୮୯୮ ତା ୧୫.୩.୨୪ରେ ଜିଲାସ୍ତରୀୟ ଅମଲାଙ୍କ କନିଷ୍ଠ ସହାୟକ ପଦବୀରେ କୌଣସି ଦରମା ବୃଦ୍ଧି ହୋଇନାହିଁ। ରାଜ୍ୟ ସରକାରଙ୍କ ଅନ୍ୟ କ୍ୟାଡର କର୍ମଚାରୀଙ୍କ ଧାର୍ଯ୍ୟ ସମୟ ଚାକିରି ପରେ ସ୍ୱତଃ ଉପର ସ୍କେଲକୁ ଦରମାପ୍ରାପ୍ତି ପାଇବାକୁ ଯୋଗ୍ୟ ବିବେଚିତ ଆଦେଶ ଦିଆଯାଇଛି। ଜିଲାସ୍ତରୀୟ ଅମଲାଙ୍କ ପ୍ରତି ଏଭଳି ବୈମାତୃକ ମନୋଭାବରୁ ସେମାନଙ୍କ ମନୋବଳ ଭାଙ୍ଗିଯାଇଛି। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଓଡ଼ିଶା ଅମଲା ସଂଘ ପ୍ରତିବାଦ କରିଛି। ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସଂଘ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛି। ବୈଠକରେ ଓଡିଶା ଅମଲା ସଂଘର ମୁଖ୍ୟ ପୃଷ୍ଠ ପୋଷକ ପ୍ରସନ୍ନ କୁମାର ତ୍ରିପାଠୀ, ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ, ଅଧକ୍ଷ ହୃଦୟ ବିହାରୀ ମହାପାତ୍ର, ସଭାପତି ଜ୍ଞାନ ରଞ୍ଜନ ଦାସ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ର, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ସଂଗଠନ ସମ୍ପାଦକ ଅରୁଣ କୁମାର ବଳିଆର୍ ସିଂହ, କିରନ କୁମାର ପାଢ଼ୀ, ଏମ. ପର୍ଶୁରାମ ପାତ୍ରଙ୍କ ସମେତ ସମସ୍ତ ଜିଲାର ସଭାପତି, ସମ୍ପାଦକ ଓ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଦୁଇ ପରିବାର ସର୍ବସ୍ୱାନ୍ତ

ଦିଗପହଣ୍ଡି,୧୭।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ ବିରିବାଡିଆ ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ଦୁଇ ପରିବାର ସର୍ବସ୍ୱାନ୍ତ ହୋଇଥିବା ଜଣାପଡିଛି। ଦୁଇ ପରିବାର ହେଲେ ସୁଜାତା ମଳିକ ଓ ବିଜୟ ମଳିକ। ପରିବାର ଲୋକେ କାମ ପାଇଁ ବାହାରକୁ ଯାଇଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ଅମୀନ ଧୀରେନ୍ଦ୍ର କୁମାର ପାଢୀ ରିପୋର୍ଟ ସଂଗ୍ରହ କରିଥିବା ବେଳେ ସ୍ଥାନୀୟ ସରପଞ୍ଚ ବି. ଲିଙ୍ଗରାଜ ଦୋରା ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଥିବା ଜଣାପଡିଛି।

## ଦିନିକିଆ କ୍ରିକେଟ ମ୍ୟାଚ୍

କବିସୂର୍ଯ୍ୟନଗର,୧୭।୩(କୃପାସିନ୍ଧୁ ସ୍ୱାଇଁ)

ବେରୁଆବାଡି ଗ୍ରାମ ପଞ୍ଚାୟତ ସାତନଳ ଗ୍ରାମ ଦାସିରି ପଡିଆଠାରେ ଡିପିଏଲ୍ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟକୁ ମୁଖ୍ୟ ଅତିଥି ଭାବେ ଯୁବ ସମାଜିକ କର୍ମୀ ତଥା ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରମୋଦ ପଣ୍ଡା ଉଦଘାଟନ କରି ଉଭୟ ଟିମ୍‌ର ଖେଳାଳିମାନଙ୍କ ପରିଚିତ ହୋଇଥିଲେ। ଅଞ୍ଚଳର ଜଣେ ଯୁବ ସମାଜସେବୀ ଭାବେ ବହୁ ସାଧରଣ ଲୋକଙ୍କୁ ସାହାର୍ଯ୍ୟ ସହଯୋଗ ଦେଇ ଆସିଛନ୍ତି ।

## ଅଦିନିଆ ବର୍ଷା: ପୋଲସରା ମେଡିକାଲରେ ପାଣି

ପୋଲସରା,୧୭।୩(ସୁବ୍ରତ ବେହେରା)



ଅଦିନିଆ ବର୍ଷାରେ ଜଳାର୍ଣ୍ଣବ ହେଲା ଗଞ୍ଜାମ ଜିଲା ପୋଲସରା ମେଡିକାଲ। ଶନିବାର ସନ୍ଧ୍ୟାରେ ଅତି ପ୍ରବଳ ବର୍ଷା ହେବା ଫଳରେ ମେଡିକାଲ ଭିତରେ ପାଣି ପଶିଯାଇଥିବା ଦେଖିବାକୁ ମିଳିଥିଲା। ରୋଗୀ ଶଯ୍ୟା କକ୍ଷ, ଡ୍ରେସିଂ ରୁମ ସହିତ ପ୍ରତୀକ୍ଷା କକ୍ଷରେ ମଧ୍ୟ ପାଣି ପଶି ରହିଥିବା ଦେଖିବାକୁ ମିଳିଛି। ଫଳରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରାଜ୍ୟ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରି ମେଡିକାଲ ଚକାଚକ୍ କରିଥିଲେ ମଧ୍ୟ ମେଡିକାଲର ସମସ୍ୟା ଦୂର ହେଉନଥିବା ଅଭିଯୋଗ ହେଉଛି।

## ଇସ୍କନ ମନ୍ଦିରରେ ଦୀକ୍ଷା ସମାରୋହ

ବ୍ରହ୍ମପୁର,୧୭।୩(ସ୍ମୃତି ରଞ୍ଜନ ମହାଲିକ)

ଲାଞ୍ଜିପଲ୍ଲୀସ୍ଥିତ ଇସ୍କନ ହରେକୃଷ୍ଣ ମନ୍ଦିରରେ ରବିବାର ହରିନାମ ଦୀକ୍ଷା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇସ୍କନର ବରିଷ୍ଠ ସନ୍ନ୍ୟାସୀ ଗୋପାଳ କୃଷ୍ଣ ଗୋସ୍ୱାମୀ ଯୋଗ ଦେଇଥିଲେ। ତାଙ୍କଠାରୁ ଶତାଧିକ ଭକ୍ତ ଦୀକ୍ଷା ଗ୍ରହଣ କରିଥିଲେ। ଭକ୍ତଙ୍କ ଦ୍ୱାରା ଭଜନ କୀର୍ତ୍ତନ ଗାନ କରାଯିବା ସହ ଦୀକ୍ଷିତଙ୍କ ନିମନ୍ତେ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧ ହଜାର ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ମନ୍ଦିରର ଅଧକ୍ଷ ପଞ୍ଚରତ୍ନ ପ୍ରଭୁଜୀ ଓ ଅନ୍ୟାନ୍ୟ ଅନ୍ତେବାସୀ ସହଯୋଗ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି ଅତିଥିବୃନ୍ଦ

ଦିଗପହଣ୍ଡି,୧୭।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗରାଜପୁର ଖେଳପଡିଆ ଠାରେ ରବିବାର ମା' ସପ୍ତକୁଟୁଣୀ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବି.କ୍ରିଷ୍ଣାରାଓ ସୁବୁଦ୍ଧି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ଏମ୍. କୁଶ ରେଡ୍ଡୀ, ଗ୍ରାମ୍ୟ କମିଟି ସଭାପତି ଏମ. ଅସନ୍ତୁଲୁ ରେଡ୍ଡୀ, ବଡୁ ରେଡ୍ଡୀ, ଦେବେନ୍ଦ୍ର ରେଡ୍ଡୀ, ହରିଶ୍ଚନ୍ଦ୍ର ରେଡ୍ଡୀ, ଭାସ୍କର ରେଡ୍ଡୀ, ଅନାଦି ରେଡ୍ଡୀ, କ୍ରୀଡା ଶିକ୍ଷକ ଏମ୍ . ଶୁକୁରୁ ରେଡ୍ଡୀ, ଗୋପାଳ ରେଡ୍ଡୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନରେ ୨ଟି ମ୍ୟାଚ ହୋଇଥଲା। ପ୍ରଥମ ମ୍ୟାଚ ନରେନ୍ଦ୍ରପୁର କ୍ରିକେଟ ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୬୦ ରନ କରିଥିବା ବେଳେ ପତାଣ୍ଡ ଗ୍ରାମ କ୍ରିକେଟ ଟିମ୍ ୭ ଓଭରରେ ଆବଶ୍ୟକ ୬୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଭୀଷ୍ମଗିରି ଗ୍ରାମ କ୍ରିକେଟ ଟିମ୍ ୯୧ ରନ ହାସଲ କରିଥିବା ବେଳେ ରେଗିଡି ଗ୍ରାମ କ୍ରିକେଟ ଟିମ୍ ୯.୪ ଓଭରରେ ବିଜୟୀ ହୋଇଥିଲା। ରମେଶ ରେଡ୍ଡୀ ଓ ନିରାକାର ରେଡ୍ଡୀ ମ୍ୟାଚରେ ଅମ୍ପାୟରିଂ କରିଥିବା ବେଳେ ଆୟୋଜକ ମା' ସପ୍ତକୁଟୁଣି କ୍ରିକେଟ କ୍ଲବ୍ ସଦସ୍ୟ କାର୍ତ୍ତିକ ରେଡ୍ଡୀ, ଦଣ୍ଡ ରେଡ୍ଡୀ, ନିରଞ୍ଜନ ରେଡ୍ଡୀ, ଦୁର୍ଯ୍ୟୋଧନ ରେଡ୍ଡୀ, କାଳିଆ ରେଡ୍ଡୀ, ଶଙ୍କର ରେଡ୍ଡୀଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବ୍ରଜନଗର ଟାୱାର ଲାଇନ ରାସ୍ତା ପୁନଃନିର୍ମାଣ ହେବ

ବ୍ରହ୍ମପୁର,୧୭।୩(ସ୍ମୃତି ରଞ୍ଜନ ମହାଲିକ)

ବ୍ରଜନଗର ଟାୱାର ଲାଇନ ରାସ୍ତାର ପୁନଃନିର୍ମାଣ ପାଇଁ ବ୍ରହ୍ମପୁର ମହାନଗର ନିଗମ(ବିଏମସି) ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାକୁ ନେଇ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ସ୍ଥାନୀୟ ବାସିନ୍ଦା ସ୍ୱାଗତ ଜଣାଇଛନ୍ତି। ବ୍ରଜନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ନିକଟରୁ ଆରମ୍ଭ ହୋଇଥିବା ରାସ୍ତାଟି ଟାୱାର ଲେନ ରାସ୍ତା ରୂପେ ପରିଚିତ। ଦୀର୍ଘ ଦେଢ କି.ମି. ରାସ୍ତାଟି ବାପୁଜୀ ନଗର, ଖାରବେଳ ନଗର ଓ ମେଡିକାଲ ବ୍ୟାଙ୍କ କଲୋନୀ ମଧ ଦେଇ ଭାବିନୀପୁର ରୋଡ ସ୍ଥିତ ସିଦ୍ଧାର୍ଥ ନଗରକୁ ସଂଯୋଗ କରୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ରାସ୍ତାଟି ୨୦୨୦ରୁ ବିଏମସିକୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ନିଗମ ଉକ୍ତ ରାସ୍ତାଟି ପଞ୍ଚାୟତରେ ଯାଉଥିବା ଦର୍ଶାଇ କାର୍ଯ୍ୟ କରୁ ନ ଥିଲା। ଫଳରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମିତ ରାସ୍ତାଟି ଖରାପ ହେବା କାରଣରୁ ସହର ତଳି ଅଂଚଳ ବାସିନ୍ଦା ଓ ଗ୍ରାମାଞ୍ଚଳ ବାସିନ୍ଦା ଏମକେସିଜିକୁ ଯିବା ପାଇଁ ହଇରାଣ ହେଉଥିଲେ। ଯାହାକୁ ନେଇ କ୍ରିୟାନୁଷ୍ଠାନ କମିଟି ବାରମ୍ବାର ଆନ୍ଦୋଳନ କରିଥିଲା। ବର୍ତ୍ତମାନ ରାସ୍ତା ପାଇଁ ଭିତ୍ତି ସ୍ଥାପନ ପରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସାରିବାକୁ କମିଟି ଦାବି କରିଛି। ଭିତ୍ତି ପ୍ରସ୍ତର ସ୍ଥାପନ ସମୟରେ କମିଟିର ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପସଭାପତି ଦେବୀ ପ୍ରସାଦ ଦାସ, ଯୁଗ୍ମ ସଂପାଦକ ଟି. ସୁଦେଶ ପାତ୍ରଙ୍କ ସମେତ ସ୍ଥାନୀୟ କର୍ପୋରେଟର ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ ସଚେତନତା ଶିବିର

କବିସୂର୍ଯ୍ୟନଗର,୧୭।୩(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଏନସିଜି କ୍ୟାନସର ସେଣ୍ଟର ବିଶାଖାପାଟଣା ପକ୍ଷରୁ ଓ ମା ଦନ୍ତ କ୍ଲିନିକ ମିଳିତ ସହଯୋଗରେ ନୂଆବେଢାସ୍ଥିତ ମା ଭିଜିଅନ ହସ୍ପିଟାଲଠାରେ ସ୍ୱାସ୍ଥ୍ୟ ସଚେତନତା ଶିବିର ହୋଇଛି। ଏଥିରେ ମାଗଣା କ୍ୟାନସର ଚିକିତ୍ସା, ଦନ୍ତ ଚିକିତ୍ସା, ଚକ୍ଷୁ ଚିକିତ୍ସା ଓ ପରୀକ୍ଷଣ କରାଯାଇଛି । ସମାଜିକ କର୍ମୀ ମାହେଶ୍ୱରୀ ଦୋରା ଶିବିର ଉଦଘାଟନ କରିବା ସହ ପରିଚାଳନା କରିଥିଲେ। ଡା. ସିଆର ପ୍ରଧାନ, ଡା. ରିତୁ ଗୌଡ଼, ଡା. ଶୁଭ୍ରକାନ୍ତ ପାଢ଼ୀ, ଡା. ସୌମ୍ୟରଂଜନ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ ।

### କଳିଙ୍ଗ ସାହିତ୍ୟ ସମାଜର ସାହିତ୍ୟ ଆସର

ବ୍ରହ୍ମପୁର,୧୭।୩(ସ୍ମୃତି ରଞ୍ଜନ ମହାଲିକ)

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ସାହିତ୍ୟ ଆସର ରବିବାର ଉତ୍କଳ ଆଶ୍ରମ ସଭା ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ଉପସଭାପତି ଡ. ବନମାଳି ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଆ ସାହିତ୍ୟର ବିଶିଷ୍ଟ ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ ଓ କବି ଡ. କୁଳମଣି ଓଝା ଅତିଥି ରୂପେ ଯୋଗ ଦେଇଥିଲେ। ପଠିତ ସମସ୍ତ ଗଳ୍ପ ଓ କବିତାକୁ ଅତିଥିମାନେ ସମୀକ୍ଷା କରିଥିଲେ। କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଆସରରେ ଚନ୍ଦ୍ରଶେଖର ମହାପାତ୍ର, ହୃଷୀକେଶ ଦାଶ, ଅନୁପ କୁମାର ମିଶ୍ର ଓ ଶ୍ୟାମ ସୁନ୍ଦର ଖାଡଙ୍ଗା, ହାଡିବନ୍ଧୁ ମାଳି ପ୍ରମୁଖ କବିତା ଆବୃତ୍ତି କରିଥିବା ବେଳେ ପଦ୍ମାଳୟା ପାଢି କ୍ଷୁଦ୍ର ଗଳ୍ପ ପାଠ କରିଥିଲେ। ସଂଗଠନ ସଂପାଦକ ଦୀନବନ୍ଧୁ ଶ୍ରୀପଲବ ଅତିଥି ପରିଚୟ ଦେଇଥିଲେ। ସଂପାଦକ ନଳିନୀ କାନ୍ତ ଗୌଡ ଧନ୍ୟବାଦ ଦେଇଥିଲେ।

## ସୌର ପାନୀୟ ଜଳ ପ୍ରକଳ୍ପ ଉପାନ୍ତ ଅଞ୍ଚଳରେ ପର୍ଯ୍ୟାପ୍ତ ପାଣି

ବ୍ରହ୍ମପୁର,୧୭।୩(ଅଶୋକ କୁମାର ସାହୁ)


ରାଜଗୋପାଳପୁର ଗାଁରେ ଥିବା ସୌର ପାନୀୟ ଜଳ ପ୍ରକଳ୍ପ।

ଉପାନ୍ତ ଅଞ୍ଚଳ ଓ ଛୋଟ ଗାଁଗୁଡ଼ିକ ପାଇଁ ସୌର ପାନୀୟ ଜଳ ପ୍ରକଳ୍ପ ଏବେ ଭରସା ପାଲଟିଛି। ବ୍ରହ୍ମପୁର ଗ୍ରାମ୍ୟ ଜଳ ଓ ପରିମଳ ଉପଖଣ୍ଡ ଅଧୀନରେ ଗଞ୍ଜାମ ଜିଲାର ୧୧ଟି ବ୍ଲକ ରହିଛି। ଉକ୍ତ ୧୧ ବ୍ଲକରେ ୨୦୧୫-୧୬ରେ ଓରେଡା ପକ୍ଷରୁ ସୌର ପ୍ରକଳ୍ପ ଜରିଆରେ ଗାଁଗୁଡ଼ିକରେ ପାନୀୟ ଜଳ ଯୋଗାଣ ହେଉଥିଲା। ଗାଁର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ଲୋକେ ପାଣି ନେଉଥିଲେ। ଏଭଳି ୨୬୬ଟି ପ୍ରକଳ୍ପ ନିର୍ମାଣ କରାଯାଇଛି। ଏଥିମଧ୍ୟରୁ ୪୮ଟି ବର୍ତ୍ତମାନ ଅଚଳ ଅବସ୍ଥାରେ ରହିଛି। ଗ୍ରାମ୍ୟ ଜଳ ଓ ପରିମଳ ଉପଖଣ୍ଡଙ୍କ ଏହି ଦାୟିତ୍ୱ ଆସିବା ପରେ ଏହାର ମରାମତି ଚାଲିଛି। ଏହି ପ୍ରକଳ୍ପଗୁଡ଼ିକ ପାଇଁ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟରୁ ସ୍ୱତନ୍ତ୍ର ଅନୁଦାନ ଆସିଛି। ସେହି ଅନୁଦାନରେ ଉକ୍ତ ବ୍ଲକଗୁଡ଼ିକରେ ୩ ଫେଜ୍‌ରେ କାମ ହୋଇଛି। ପ୍ରଥମ ଫେଜ୍ ୨୦୨୧-୨୨ରେ ୨୩ଟି ପ୍ରକଳ୍ପ ନିର୍ମାଣ କରାଯାଇଥିବାବେଳେ ୨୦୨୨-୨୩ ଦ୍ୱିତୀୟ ଫେଜରେ ୩୮ଟି ପ୍ରକଳ୍ପ ନିର୍ମାଣ ହୋଇଛି। ତୃତୀୟ ଫେଜ୍ ଅର୍ଥାତ୍ ୨୦୨୩-୨୪ରେ ୧୮୯ଟି ପ୍ରକଳ୍ପ ହାତକୁ ନିଆଯାଇଛି। ଗୋଟିଏ ଗୋଟିଏ ପ୍ରକଳ୍ପ ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ରହିଛି। ବିଶେଷ କରି ୨୦ ପରିବାର ଥିବା ଗାଁଗୁଡ଼ିକରେ ବୋରୱେଲ କରାଯାଇ ୧ ଏଚ୍‌ପି ମୋଟର ଦ୍ୱାରା ଭୂତଳ ପାଣି ଟାଣି ୫ହଜାର ଲିଟରର ଏକ ଟାଙ୍କି ବସାଯାଇ ଘରକୁ ଘର ପାଣି ଯୋଗାଣ ହେଉଛି। ସୂର୍ଯ୍ୟକିରଣରୁ ସୌର ପ୍ଲେଟ ଦ୍ୱାରା ଉତ୍ପନ୍ନ ବିଦ୍ୟୁତରେ ଏହି ପ୍ରକଳ୍ପ ଚାଲୁଛି। ପାତ୍ରପୁର ବ୍ଲକରେ ୨୧୫, ସାନଖେମୁଣ୍ଡି ବ୍ଲକରେ ୧୧୧, ଶେରଗଡରେ ୬୨, କୁକୁଡାଖଣ୍ଡିରେ ୪୧, ହିଞ୍ଜିଳିକାଟୁରେ ୧୬, ଗଞ୍ଜାମରେ ୧୦ ଓ ଚିକିଟିରେ ୫ଟି ପ୍ରକଳ୍ପ ରହିଛି।

କୁକୁଡ଼ାଖଣ୍ଡି ବ୍ଲକର କଙ୍କିଆ ପଞ୍ଚାୟତର ଶାନ୍ତିନଗର ଓ ସୌରାବାଡି ଗାଁରେ ଉକ୍ତ ପ୍ରକଳ୍ପ ରହିଛି। ୨୫ ଲେଖାଏ ଘର ରହିଛି। ଗ୍ରାମବାସୀଙ୍କୁ ପଚାରିବାରୁ ସେମାନେ କହିଲେ ଯେ, ପୋଖରୀ ଓ କୂଅ ପାଣିରେ ଚଳୁଥିଲୁ। ଏବେ କିନ୍ତୁ ସହଜରେ ପାଣି ମିଳୁଛି। ସେହିପରି ଲାଞ୍ଜିଆ ପଞ୍ଚାୟତର ରାଜଗୋପାଳପୁର ଗାଁରେ ୩୦ ଲୋକ ରହିଛନ୍ତି। ଗାଁର ରାଜେଶ ଡାକୁଆ, ଲଣ୍ଡା ଡାକୁଆ, ମଙ୍ଗୁଲୁ ଡାକୁଆ, କାଳୁ ଡାକୁଆ ପ୍ରମୁଖ ଅନୁରୂପ କଥା କହିଛନ୍ତି। ଭଗବାନପୁର ଗାଁରେ ୪୦ ଘର ଥିବାବେଳେ ସୁବାସିନି ମଲିକ, ପ୍ରମିଳା ମଲିକ, ଗୀତା ମଲିକ, ଶାନ୍ତି ମଲିକ, ଶିବାନୀ ମଲିକ ପ୍ରମୁଖ କହିଛନ୍ତି, ପାନୀୟ ଜଳ ପାଇଁ ବହୁ ହଇରାଣ ହେଉଥିଲୁ। ଏବେ ସୁବିଧାରେ ମିଳୁଛି। ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବିକାଶ କୁମାର ପତି କହିଛନ୍ତି, ଛୋଟ ଗାଁଗୁଡିକୁ ଏହି ପ୍ରକଳ୍ପ ଦ୍ୱାରା ଘରେ ଘରେ ପାନୀୟ ଜଳ ଯୋଗାଣ ହେଉଛି। ୫୦ରୁ ୬୦ ଘର ଏହି ପ୍ରକଳ୍ପରୁ ପାଣି ପାଇପାରିବେ। ରାଜ୍ୟ ସରକାରଙ୍କ ଏହି ପ୍ରକଳ୍ପ ଯୋଗୁ ଗ୍ରାମାଞ୍ଚଳରେ ପାନୀୟଜଳର ଅସୁବିଧା ଆଉ ରହିବନି। ଓରେଡା ଦ୍ୱାରା ନିର୍ମିତ ଅଚଳ ପ୍ରକଳ୍ପଗୁଡିକର ମରାମତି ଚାଲିଛି।

## ସଂଘବଦ୍ଧ ଆକ୍ରମଣରେ ମୃତ୍ୟୁ ଘଟଣା: ୨ କୋର୍ଟଚାଲାଣ

ଗୋପାଳପୁର,୧୭।୩(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଗଞ୍ଜୁ ଗ୍ରାମ ନିକଟରେ ଥିବା ଏକ ଦେଶୀ ମଦ ଦୋକାନ ସମ୍ମୁଖରେ ଗତ ଗୁରୁବାର ରାତିରେ ୨ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଗୁରୁତର ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ଗୋପାଳପୁର ଥାନା ପୋଲିସ ରବିବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଞ୍ଜୁ ଗ୍ରାମର ପ୍ରଦୀପ ଦାସ ଓ ନାରାୟଣ ଦାସ। ପ୍ରକାଶ ଯେ, ଉକ୍ତ ମଦ ଦୋକାନକୁ ମୁନା ଦାସ ଓ କାଲୁ ଦାସ ଗୁରୁବାର ରାତି ପ୍ରାୟ ୮ଟାରେ ଯାଇଥିଲେ। ସେହି ସମୟରେ ପ୍ରଦୀପ କୌଣସି କଥାକୁ ନେଇ ଭିକାରି ଦାସଙ୍କ ସହ ଗଣ୍ଡଗୋଳ କରିଥିଲେ। ଏହା ଦେଖି ମୁନା ଓ କାଲୁ ବୁଝାଇଥିଲେ। ପ୍ରଦୀପ ଉତ୍ତ୍ୟକ୍ତ ହୋଇ ଛଡ଼ ଓ ପ୍ଲାଷ୍ଟିକ ପାଇପରେ ମୁନା, ଭିକାରି ଓ କାଲୁଙ୍କୁ ଆକ୍ରମଣ କରିଥିଲେ। ମୁନା ଓ ଭିକାରି ଗୁରୁତର ହୋଇଥିବାରୁ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ମୁନାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ। ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୁନାଙ୍କ ମୃତ୍ୟୁ ହୋଇଛି। ଗୋପାଳପୁର ଥାନା ପୋଲିସ ଏ ନେଇ ନଂ.୧୦୮/୨୪ରେ ମାମଲା ରୁଜୁ କରିଛି। ପୋଲିସ ଏକ ଟିମ ଗଠନ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## କଂଗ୍ରେସରେ ମିଶିଲେ ଦିଗପହଣ୍ଡି ଭାଜପା ନେତା



ବାପୁଜୀ ଆଶ୍ରମରେ କଂଗ୍ରେସର ମିଶ୍ରଣ ପର୍ବ।

ବ୍ରହ୍ମପୁର,୧୭।୩(ନରସିଂହ ସାହୁ)

ବ୍ରହ୍ମପୁରସ୍ଥ ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମରେ ରବିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ତଥା ବଡ଼ଖେମୁଣ୍ଡି ରାଜ ପରିବାରର ଶ୍ରୀଧର ଦେବ ତାଙ୍କର ବହୁ ସଂଖ୍ୟକ ସମର୍ଥକଙ୍କ ସହ ଆନୁଷ୍ଠାନିକ ଭାବେ କଂଗ୍ରେସରେ ମିଶିଛନ୍ତି। ପ୍ରତିକ୍ରିୟାରେ ସେ କହିଛନ୍ତି, ବିଜେଡି ସହ ସମ୍ଭାବ୍ୟ ମେଣ୍ଟ ଚର୍ଚ୍ଚା ଜୋର ଧରିଥିବାରୁ ପ୍ରତିବାଦରେ ଭାଜପା ଛାଡ଼ିବାର ନିଷ୍ପତ୍ତି ନେଇଥିଲି। ଶତାଧିକ ବର୍ଷର ପୁରୁଣା ଦଳ ପ୍ରତି ଲୋକଙ୍କ ଆସ୍ଥା ବଢୁଛି ଏବଂ ଏହାର ନେତା ରାହୁଲ ଗାନ୍ଧୀଙ୍କ ରାଜନୈତିକ ଆଦର୍ଶରେ ଅନୁପ୍ରାଣିତ ହୋଇଛି। ତେଣୁ କଂଗ୍ରେସରେ ଯୋଗ ଦେଲି ବୋଲି ଶ୍ରୀଧର କହିଛନ୍ତି। ବାପୁଜୀ ଆଶ୍ରମରେ ଗଞ୍ଜାମ ଜିଲା କଂଗ୍ରେସ (ପୂର୍ବ) ସଂଗଠନର ସଭାପତି ଦୀପକ ପଟ୍ଟନାୟକ ଦଳର ଉତ୍ତରୀୟ ପକାଇ ଶ୍ରୀଧର ଓ ତାଙ୍କ ଅନୁଗାମୀଙ୍କୁ ସ୍ୱାଗତ କରିଥିଲେ। ଏହାଦ୍ୱାରା ଦିଗପହଣ୍ଡି ବିଧାନସଭା କ୍ଷେତ୍ରରେ କଂଗ୍ରେସ ସଂଗଠନ ଅଧିକ ସୁଦୃଢ଼ ହେବ ଏବଂ ଚଳିତ ବର୍ଷର ନିର୍ବାଚନରେ ଭୋଟ ଫଳାଫଳ ଭଲ ହେବ ବୋଲି ସଭାପତି ଆଶା ପ୍ରକଟ କରିଥିଲେ। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ଉପସଭାପତି ବୃନ୍ଦାବନ ଖଟେଇ, ସାକା ସୁଜିତ, ବ୍ରହ୍ମପୁର ନଗର କଂଗ୍ରେସ ସଭାପତି ଅତ୍ୟୁଲ ପାଢ଼ୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ବନଜା ପଣ୍ଡା, ମିଡିଆ ସେଲ ମୁଖ୍ୟ ତତ୍‌ସତ୍ ସୁବୁଦ୍ଧି ଯୋଗ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଶଙ୍କର ଅଧିକାରୀ, ରସାନନ୍ଦ ରାଉତ, ମହିଳା ନେତ୍ରୀ ସୁବାସିନୀ ପଟ୍ଟନାୟକ, ପି. ଶିବ ପ୍ରସାଦ ଦୋରାଙ୍କ ସମେତ କର୍ମୀ ଓ ନେତାମାନେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଖୁବଶୀଘ୍ର ଆହୁରି ଅନେକ ଭାଜପା ଓ ବିଜେଡି କର୍ମୀ କଂଗ୍ରେସରେ ମିଶିବା ପାଇଁ ଯୋଗସୂତ୍ରରେ ଥିବା ସଭାପତି ସୂଚନା ଦେଇଥିଲେ।

## ଏବିଭିପିର ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଏବିଭିପିର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୧୭।୩(ସ୍ମୃତି ରଞ୍ଜନ ମହାଲିକ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଗଞ୍ଜାମ ଜିଲା ଶାଖା ପକ୍ଷରୁ ଜିଲାସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ରବିବାର ରାମହରି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ପ୍ରାନ୍ତ ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ ସଂକେତ କୁମାର ସାହୁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଏବିଭିପିର ଗଞ୍ଜାମ ସଂଯୋଜକ ଅନୀଲ କୁମାର ସ୍ୱାଇଁ, ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ କିରଣ ସେଠୀ, ଜିଲା ପ୍ରମୁଖ କେ. କୃଷ୍ଣ ମୂର୍ତ୍ତି ଦାସ, ଜିଲା ସହ ସଂଯୋଜକ ଆୟୁଷ କୁମାର ରଥ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରଦର୍ଶିତ କରିବା ଉକ୍ତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ହେବ ବୋଲି ଅତିଥିମାନେ କହିଥିଲେ। ଏଥିରେ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଂଘର ସଂଗଠନ ମନ୍ତ୍ରୀ ଟୁକୁନା ମଲିକ ଓ ପ୍ରାନ୍ତ ସୋସିଆଲ ମିଡିଆ ସହ ସଂଯୋଜକ ସୁନୀଲ ଦୋରାଙ୍କ ସମେତ ସଂଘର ବହୁ ସଦସ୍ୟ ସହଯୋଗ କରିଥିଲେ।

## ଫିଜିଓଥେରାପି ସଂଘର ଭୋଟ ବର୍ଜନ ଚେତାବନୀ

ବ୍ରହ୍ମପୁର,୧୭।୩ (ସୁବାସ ଚନ୍ଦ୍ର ପାଢ଼ୀ)

ଚାକିରି ନିୟମିତ ଓ କ୍ୟାଡର ଗଠନ ନ ହେବାରୁ ଅଲ ଓଡିଶା ଫିଜିଓଥେରାପି ସେବା ସଂଘ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବ ବୋଲି ଚେତାବନୀ ଦେଇଛି । ରାଜ୍ୟରେ ଏନ୍‌ଏଚଏମ ଅଧୀନରେ କାର୍ଯ୍ୟରତ ସମସ୍ତ ଫିଜିଓଥେରାପିଷ୍ଟ ଓ ଅକ୍ୟୁପେସନାଲ ଥେରାପିଷ୍ଟ ଓ ତାଙ୍କ ପରିବାର ଭୋଟ ଦେବେନି ବୋଲି ସଂଘ ପକ୍ଷରୁ କୁହାଯାଇଛି । ଆସନ୍ତା ଏପ୍ରିଲ ୧ରୁ ଫିଜିଓଥେରାପିଷ୍ଟମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିବେ ବୋଲି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି। ବିଭିନ୍ନ ଜିଲାରେ ଥିବା ଫିଜିଓଥେରାପି ୟୁନିଟ ଏବଂ ଡିଇଆଇସିରେ ୨୦୧୨ ଠାରୁ ଫିଜିଓଥେରାପିଷ୍ଟ ଏବଂ ଅକ୍ୟୁପେସନାଲ ଥେରାପିଷ୍ଟମାନେ ସେବା ଯୋଗାଉଥିବା ବେଳେ ଦାବି ଶୁଣାଯାଉନି। ପୂର୍ବରୁ ଦାବି ସମ୍ପର୍କରେ ସଂଘର କର୍ମକର୍ତ୍ତା, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ମନ୍ତ୍ରୀଙ୍କୁ ନେଇ ଆଲୋଚନା ହୋଇଥିଲା। ହେଲେ ନିର୍ବାଚନ ଆଚରଣ ବିଧି ଲାଗିବା ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ୟାଡର ଗଠନ ନେଇ କୌଣସି ଘୋଷଣା କରାଗଲାନି। ଫିଜିଓଥେରାପି ସଂଘର ଦାବିକୁ ସରକାର କର୍ଣ୍ଣପାତ କଲେନାହିଁ ବୋଲି ଅଭିଯୋଗ ହୋଇଛି ।

## ଏମ୍‌କେସିଜି ଆଉଟସୋର୍ସିଂ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ

ବ୍ରହ୍ମପୁର,୧୬।୩(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ହସ୍ପିଟାଲରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ପରିସର ହନୁମାନ ମନ୍ଦିରରେ ଅନୁଷ୍ଠିତ ଏହି ବୈଠକରେ ରାଜେନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ସର୍ଭିସ ପ୍ରୋଭାଇଡ଼ର ସଂସ୍ଥା ଅଧୀନରେ ନାନାଦି ଅସୁବିଧାରେ କର୍ମଚାରୀମାନେ କାର୍ଯ୍ୟ କରୁଥିବା ବେଳେ ନିକଟରେ ରାଜ୍ୟ ସରକାର ୨୫ ପ୍ରତିଶତ ଦରମା ବୃଦ୍ଧି ସହ କିଛି ସୁବିଧା ଘୋଷଣାକୁ ସଂଘ ତରଫରୁ ସ୍ୱାଗତ କରାଯାଇଥିଲା। ସଂଘର ଆନ୍ଦୋଳନକୁ ସମର୍ଥନ ଦେଇଥିବା ସମସ୍ତ ସହ ସଙ୍ଗଠନ, ଜିଲା ଓ ରାଜ୍ୟର କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଚାକିରିର ସୁରକ୍ଷା ଦାବୀ ସହ ଜିଏସଟି ବାବଦରେ ଦରମାରୁ ଶତକଡା ୧୮ କାଟିନେବା ଓ ସାମାଜିକ ସୁରକ୍ଷା ଆଦି ଦାବିଗୁଡିକୁ ସରକାର ପୁନର୍ବାର ଅଣଦେଖା କରିଥିବାରୁ ଆଗାମୀ ଦିନରେ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ହୋଇଥିଲା। ସର୍ବଭାରତୀୟ ଶ୍ରମିକ ସଂଗଠନ ଆଇଏଫଟିୟୁ ସହ ଅନୁବନ୍ଧିତ ହୋଇ କାର୍ଯ୍ୟ କରୁଥିବା ଏହି ସଂଘର ପଞ୍ଜିକରଣ ପ୍ରକ୍ରିୟା ପାଇଁ କମିଟିର ପୁନଃର୍ଗଠନ କରାଯାଇ ସର୍ବସମ୍ମତି କ୍ରମେ ଏକ ପରିବର୍ଦ୍ଧିତ କମିଟି ଚୟନ କରାଯାଇଛି। ନୂତନ କମିଟିରେ ଅତିରିକ୍ତ ୯ ଜଣ ସଦସ୍ୟଙ୍କୁ ସାମିଲ କରାଗଲା। ସଂଘର ଉପସଭାପତି ପି. ରମେଶ ରାଓଙ୍କ ଦ୍ୱାରା ସମ୍ପାଦକୀୟ ବିବରଣୀ ପଠନ କରାଯାଇଥିବା ବେଳେ କୋଷାଧ୍ୟକ୍ଷ ଟି. ସୁଜିତ ପାତ୍ରଙ୍କ ଦ୍ୱାରା ପୂର୍ବ ହିସାବ ଆଗତ କରାଯାଇଥିଲା। ଉକ୍ତ ସାଧାରଣ ପରିଷଦ ବୈଠକରେ ସଂଘର ଉପଦେଷ୍ଟା ଭାଲଚନ୍ଦ୍ର ଷଡ଼ଙ୍ଗୀ, ଆଉଟସୋର୍ସିଂ କର୍ମଚାରୀ ଫେଡେରେସନର ରାଜ୍ୟ ଆବାହକ ତଥା ଆଇଏଫଟିୟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ସଭାପତି ସି. ଏଚ. ସୁନୀଲ ପାତ୍ର, ସମ୍ପାଦକ ଏନ. ନିରଞ୍ଜନ ଦାସ, ସହ ସମ୍ପାଦକ ପି.ଜୟରାମ ରାଓ, ବି.ବିଷ୍ଣୁ ଚରଣ, ବି. ଚନ୍ଦ୍ର ପାତ୍ର, ଆନନ୍ଦ ମିଶ୍ର, ଶଶାଙ୍କ ପଣ୍ଡା, ଚିତ୍ତରଞ୍ଜନ ସାହୁ, ସନାତନ ନାୟକ, ନନ୍ଦିନୀ ସାମନ୍ତରାୟ, ରାଧିକା ବିଷୋୟୀ, ଶ୍ରୀନିବାସ ପାତ୍ର, ସୁନିତା ସାହୁ, କେଦାର ନାୟକ, କାହ୍ନୁ ନାୟକ, ମାଣିକ କୋଠିଆ ପ୍ରମୁଖ ପରିଚାଳନା କରିଥିଲେ।

## ଭାଜପାର ନିର୍ବାଚନୀ ପ୍ରସ୍ତୁତି ବୈଠକ



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ଗୋପାଳପୁର,୧୭।୩(ନବୀନ ରାଜ ଆଚାରୀ)

ଗୋପାଳପୁର ନିର୍ବାଚନ ମଣ୍ଡଳୀର ଗୋଳନ୍ଥରା ଠାରେ ଭାଜପାର ନିର୍ବାଚନୀ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଈଶାଣେଶ୍ୱର ମନ୍ଦିର ନିକଟରେ ଆୟୋଜିତ ଏହି ବୈଠକରେ ଜିଲା ସଭାପତି ଡା ସୁବାସ ସାହୁ, ପୂର୍ବତନ ସଭାପତି ବିଭୁତି ଭୂଷଣ ଜେନା, କେ. ଅନିଲ କୁମାର, ବନମାଳି ସେଠି,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଲୋକସଭା ସଂଯୋଜକ ସରୋଜ ସାବତ, ଜିଲା କୃଷକ ମୋର୍ଚ୍ଚା ସଭାପତି ଚିନ୍ମୟାନନ୍ଦ ମହନ୍ତ ଓ ଅନ୍ୟମାନେ ଯୋଗ ଦେଇଥିଲେ। ମେଣ୍ଟ ହେବା ଦରକାର ନାହିଁ, ଓଡିଶା ଜନସାଧାରଣ ପରିବର୍ତ୍ତନ ଚାହୁଁଛନ୍ତି। ଆମେ ସମସ୍ତେ ଏକ ହୋଇ କାମ କରିବା ବୋଲି ପୂର୍ବତନ ସଭାପତି ଜେନା କହିଥିଲେ। କେନ୍ଦ୍ର ସରକାରଙ୍କ ଯୋଜନାଗୁଡିକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା। ଜିଲା ସାଧାରଣ ସମ୍ପାଦକ ସୁନୀଲ ପାତ୍ର, ଗଙ୍ଗା ଶତପଥୀ, ସରପଞ୍ଚ ଜଗମୋହନ ପାତ୍ର, ଜିଲା ମହିଳା ସଭାପତି ଅନୁଜା ନନ୍ଦ ବିଶ୍ୱାଳ, ମଣ୍ଡଳ ସଭାପତି ସନତ ନାହକ, ରାଜେଶ ସାହୁ, ଅନିଲ ପତି, ଗଙ୍ଗା ପାତ୍ର,ଏନ. ଧନଞ୍ଜୟ ରାଓ, ମନିତା ଦାଶ,ବି. କାମରାଜୁ, ସନ୍ତୋଷ ବିଷୋୟୀ, ଦେବରାଜ ପାତ୍ର, ଗୋପୀନାଥ ମହାରଣା, ଡି. ଫୋକିରା ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ନିଷ୍ଟରେ ଆନ୍ତଃ ମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ସରିଲା

ବ୍ରହ୍ମପୁର,୧୭।୩(ସ୍ମୃତି ରଞ୍ଜନ ମହାଲିକ)

ନିଷ୍ଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦଯାପନୀରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଡ. ପି ରାଜେଶ କୁମାର, ପ୍ରଶାସନ ମୁଖ୍ୟ ଇଂ. ସୟଦ ସୁଲେମାନ ଅଲି, କୁଳସଚିବ ଡ. ବିଷ୍ଣୁଙ୍କର ନାୟକ ଯୋଗ ଦେଇଥିଲେ। ଏଥିରେ ରାଜ୍ୟର ୧୦ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ କ୍ରିକେଟ, ଭଲିବଲ, ଥ୍ରୋ ବଲ, କବାଡି, ଖୋଖୋ, ବାସ୍କେଟ ବଲ, ବ୍ୟାଡ ମିଣ୍ଟନ ଓ ଟେବୁଲ ଟେନିସ ଭଳି ପ୍ରତିଯୋଗିତା ହୋଇଥିଲା। କ୍ରୀଡା ଶିକ୍ଷକ ସରୋଜ କୁମାର ପାଢି, ବାସନ୍ତୀ ପାତ୍ର ଓ ଧରଣୀଧର ଡାକୁଆ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ପ୍ରୀତି ରଞ୍ଜନ ସାହୁ, ଡ. କୃଷ୍ଣ ପ୍ରସାଦ, ପୁର୍ଣ୍ଣେନ୍ଦୁ ମିଶ୍ର, ହରିକୃଷ୍ଣ ଗନ୍ତାୟତ ସହଯୋଗ କରିଥିଲେ।



## ବ୍ରହ୍ମପୁର ରେଳଷ୍ଟେଶନକୁ ଜାତୀୟସ୍ତରୀୟ କରିବାକୁ ଦାବି

ବ୍ରହ୍ମପୁର,୧୭।୩(ସ୍ମୃତି ରଞ୍ଜନ ମହାଲିକ)



ଆଲୋଚନା ସଭାରେ ଉପସ୍ଥିତ ମଞ୍ଚର ସଦସ୍ୟ ବୃନ୍ଦ ।

ବ୍ରହ୍ମପୁର ରେଳ ଷ୍ଟେଶନକୁ ଜାତୀୟସ୍ତରୀୟ କରିବାକୁ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଦାବି କରିଛି। ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ମଞ୍ଚର ଉପସଭାପତି ଡା. ପ୍ରାଣ ଚାନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ସଭାରେ କୁହାଯାଇଛି, ବିଗତ ବର୍ଷରେ ମେମୋ ଟ୍ରେନରେ ବର୍ଦ୍ଧିତ ଭଡାକୁ ବିରୋଧ କରାଯିବାରୁ ପୂର୍ବ ଦର ଲାଗୁ ହେଲା। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଦୀର୍ଘଦିନ ଧରି ବହୁ ଦାବି ସତ୍ତ୍ୱେ ସିଧାସଳଖ ବ୍ରହ୍ମପୁରରୁ ପୁରୀ ରେଳ ଚଳାଚଳ ହୋଇନାହିଁ। ସେହିପରି ବ୍ରହ୍ମପୁରରୁ ସମ୍ବଲପୁର ଭାୟା ଫୁଲବାଣୀ, ବ୍ରହ୍ମପୁରରୁ ରାୟଗଡ଼ା ସହ ନୂଆଦିଲ୍ଲୀ ଓ ମୁମ୍ବାଇକୁ ସିଧାସଳଖ ରେଳ ଯୋଗାଯୋଗ ପାଇଁ ଦାବି ହୋଇଛି। ବ୍ରହ୍ମପୁରରୁ ପ୍ରତିବର୍ଷ ଲକ୍ଷାଧିକ ଲୋକ ଟ୍ରେନରେ ଯାତ୍ରା କରୁଥିବା ବେଳେ ରେଳ ବିଭାଗ ବହୁ ଟଙ୍କା ରାଜସ୍ୱ ଆଦାୟ କରୁଛି। ତେଣୁ ଏହି ଷ୍ଟେଶନକୁ ଅତ୍ୟାଧୁନିକ ଜାତୀୟସ୍ତରର ରେଳଷ୍ଟେଶନରେ ପରିଣତ କରି ସମସ୍ତ ସୁବିଧା ଯୋଗାଇ ଦେବାକୁ ମଞ୍ଚ କହିଛି। ଆଗକୁ ନେଇ ରେଳ ମନ୍ତ୍ରଣାଳୟକୁ ଏ ନେଇ ସ୍ମାରକପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଛି। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସଭାରେ ସ୍ୱାଗତ ଭାଷଣ ଦେଇଥିଲେ। ମଞ୍ଚର କୋଷାଧ୍ୟକ୍ଷ ଲଡୁକେଶ ମିଶ୍ରଙ୍କ ସମେତ ବିଜୟ କୁମାର ସାହୁ, ସୁବାସ ଚନ୍ଦ୍ର ସୁବୁଦ୍ଧି, ଗୋପାଳ କୃଷ୍ଣ ପାଢି, ଏ. ଅଶୋକ କୁମାର ପାତ୍ରଙ୍କ ସମେତ ମଞ୍ଚର ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

